


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୬ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 MARCH 2022
Vol.No. 33 ■ No. 62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ୟୁକ୍ରେନରେ ଫସିଥିବା ଭାରତୀୟ ଶିକ୍ଷାର୍ଥୀଙ୍କୁ ଉଦ୍ଧାର କରିବ ରୁଷ




ନୂଆଦିଲ୍ଲୀ, ୦୫/୦୩ : ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନରେ ଫସିଥିବା ଭାରତୀୟଙ୍କ ପାଇଁ ଭଲ ଖବର। ୟୁକ୍ରେନ ଉପରେ ହମଲା କରୁଥିବା ରୁଷ ଏବେ ସେଠାରେ ଫସିଥିବା ଭାରତୀୟ ଶିକ୍ଷାର୍ଥୀଙ୍କ ସମେତ ଅନ୍ୟ ଦେଶର ନାଗରିକଙ୍କୁ ଉଦ୍ଧାର କରିବ। ଏଥିପାଇଁ ରୁଷର ବସ୍‌ଗୁଡ଼ିକ ବିଭିନ୍ନ କ୍ରସିଂ ପଏଣ୍ଟରେ ପ୍ରସ୍ତୁତ ହୋଇ ରହିଛନ୍ତି। ଏଗୁଡ଼ିକ ଖୁବଶୀଘ୍ର ଖାରକିଭ ଓ ସୁମି ଭଳି ସହରରେ ଫସିଥିବା ଭାରତୀୟ ଶିକ୍ଷାର୍ଥୀଙ୍କୁ ଉଦ୍ଧାର କରିବେ। ଏ ସମ୍ପର୍କରେ ଆଜି ରୁଷ ପକ୍ଷରୁ ଜାତିସଂଘ ସୁରକ୍ଷା ପରିଷଦକୁ ଅବଗତ କରାଯାଇଛି। ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଘମାଘୋଟ ଲଢ଼େଇ ଭିତରେ ଶୁକ୍ରବାର ଜାତିସଂଘ ସୁରକ୍ଷା ପରିଷଦର ଜରୁରୀ ବୈଠକ ବସିଥିଲା। ବୈଠକ ପାଇଁ ପ୍ରଥମେ ଆଲବାନିଆ, ଫ୍ରାନ୍ସ, ଆୟର୍ଲ୍ୟାଣ୍ଡ, ନରୱେ, ବ୍ରିଟେନ ଓ ଆମେରିକା ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ଜାତିସଂଘରେ ଅବସ୍ଥାପତି ରୁଷର ସ୍ଥାୟୀ ସଦସ୍ୟ ଭାସିଲୟ ନେବେନଜିଆ କହିଛନ୍ତି, ୟୁକ୍ରେନରେ ଫସିଥିବା ବିଦେଶୀ ନାଗରିକଙ୍କୁ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ଉଦ୍ଧାର କରିବା ପାଇଁ ରୁଷ ସୈନ୍ୟମାନେ ସବୁ ପ୍ରକାରର ଚେଷ୍ଟା କରୁଛନ୍ତି। ୟୁକ୍ରେନର ସେନା ଖାରକିଭ ଓ ସୁମୀରେ ବଳ ପୂର୍ବକ ୩୭୦୦ ଭାରତୀୟ ନାଗରିକଙ୍କୁ ବନ୍ଧକ ରଖିଛନ୍ତି। ଆତଙ୍କବାଦୀମାନେ ସାଧାରଣ ଲୋକଙ୍କୁ ସହର ଛାଡ଼ିବାକୁ ଦେଉନାହାନ୍ତି। ଏହି ପ୍ରଭାବ ୟୁକ୍ରେନର ସାଧାରଣ ଲୋକଙ୍କ ବ୍ୟତୀତ ବିଦେଶୀ ନାଗରିକଙ୍କ ଉପରେ ମଧ୍ୟ ପଡ଼ିଛି। ଖାରକିଭରେ ୩୧୮୯ ଭାରତୀୟ, ଭିଏତନାମର ୨୭ଶହ ଓ ଚାଇନାର ୨୦୨ ଜଣ ନାଗରିକଙ୍କୁ ବଳ ପୂର୍ବକ ଅଟକ ରଖାଯାଇଛି। ସେହିପରି ସୁମୀରେ ୫୭୬ ଭାରତୀୟ, ▶▶ପୃଷ୍ଠା ୭

## ଜୟନ୍ତୀରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁବାବୁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା। ତାଙ୍କର ପ୍ରତିଟି କାମ ଥିଲା ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ। ତାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି। ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ଆହୁରି କହିଛନ୍ତି ଯେ - ଲୋକଙ୍କୁ କ୍ଷମତା ପ୍ରଦାନ ସହ ସଶକ୍ତ ପଂଚାୟତ ଗଠନରେ ପଂଚାୟତିରାଜ ବ୍ୟବସ୍ଥାର ବଡ଼ ଭୂମିକା ରହିଛି। ସେଥିପାଇଁ ପଂଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଜୁବାବୁ ଗୁରୁତ୍ୱ ଦେଉଥିଲେ। ପଂଚାୟତିରାଜ ଓ ଲୋକସେବା ଦିବସରେ ଆସନ୍ତୁ ତାଙ୍କ ଅବଦାନକୁ ସ୍ମରଣ କରି ନୂଆ ଓଡ଼ିଶା ଗଠନ ଦିଗରେ ଆଗକୁ ବଢ଼ିବା।

## ସାମୟିକ ଯୁଦ୍ଧ ବିରତି ଘୋଷଣା କଲା ରୁଷିଆ



ନୂଆଦିଲ୍ଲୀ, ୦୫/୦୩ : ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ୧୦ଦିନରେ ପହଁଚିଲାଣି ।ରୁଷର ଆକ୍ରମଣରେ ବଦଳିଛି ୟୁକ୍ରେନର ଚିତ୍ର । ୟୁକ୍ରେନ ସରକାର ଓ ୟୁକ୍ରେନବାସୀ ନିଜ ଦେଶ ଉପରେ ଆସିଥିବା ସବୁଠୁ ବଡ ସଙ୍କଟର ମୁକାବିଲା କରି ରୁଷକୁ ମଧ୍ୟ କଡ଼ା ଜବାବ ଦେଉଛନ୍ତି । ସେପଟେ ୧୦ଦିନ ଧରି ଯୁଦ୍ଧ ଚାଲିବା ପରେ ଶନିବାର ସାମୟିକ ଯୁଦ୍ଧବିରତି ଘୋଷଣା କରିଛି ରୁଷିଆ । ୧୦ ଦିନରେ ୟୁକ୍ରେନ୍-ରୁଷ ଯୁଦ୍ଧ । ଶନିବାର ମଧ୍ୟ ୟୁକ୍ରେନ୍ର ବିଭିନ୍ନ ସ୍ଥାନରେ ରୁଷ ପକ୍ଷରୁ ଜୋରଦାର ଆକ୍ରମଣ କରାଯାଉଛି । ରାଜଧାନୀ କିଭ୍ କବ୍ଜା ପାଇଁ ଚଳାଇଛନ୍ତି ଜୋରଦାର ଉଦ୍ୟମ । କିଭ୍ର ଚାରିପଟୁ ଘେରି ଗଲେଣି ରୁଷ ସେନା । ୟୁକ୍ରେନ୍ର ମାରିଓପୋଲ ସହରର ଅନେକ ସ୍ଥାନରେ ରୁଷ ପକ୍ଷରୁ ଆକ୍ରମଣ କରାଯାଇଛି । ସେହିପରି ରୁଷ ସେନା ପକ୍ଷରୁ ରାଷ୍ଟ୍ରପତି ଭବନକୁ ଟାର୍ଗେଟ୍ କରାଯାଇଛି । ରାଷ୍ଟ୍ରପତି ଭବନ ସାମ୍ନାରେ ରୁଷ ସେନାର ରକେଟ୍ ମାଡ ହୋଇଛି । ମାରିୟୁପୋଲ ସହର କବ୍ଜା କରିବା ପାଇଁ ଜୋଦାର ଉଦ୍ୟମ ଚଳାଇଛି ରୁଷ । ମାରିୟୁପୋଲ ସହରକୁ ଘେରି ଗଲେଣି ରୁଷ ସେନା । ସହରର ବିଭିନ୍ନ ସ୍ଥାନରେ ରୁଷ ସେନା ପକ୍ଷରୁ ଜୋରଦାର ଆକ୍ରମଣ କରାଯାଇଛି । ୟୁକ୍ରେନ୍ର ବିଭିନ୍ନ ସହରରେ ଆକ୍ରମଣ କରୁଛନ୍ତି ରୁଷ ସେନା । ଗୋଟିଏ ପରେ ଗୋଟିଏ ସହର ନିଜ କବ୍ଜାକୁ ନେବା ପାଇଁ ଉଦ୍ୟମ ଚଳାଇଛନ୍ତି । ଶନିବାର ୟୁକ୍ରେନ୍ର ସୁମିରେ ବଡ଼ ଧରଣ ଆକ୍ରମଣ ଯୋଜନା କରୁଛି ରୁଷ ସେନା । ଏଥିପାଇଁ ସୁମିରେ ହାଇ ଆଲର୍ଟ ଜାରି କରାଯାଇଛି । ୟୁକ୍ରେନ୍ର ସୁମିରେ ଫସିଛନ୍ତି ୭ ଶହ ଭାରତୀୟ ।

## ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ନେଇ ମୋଦିଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ, ୦୫/୦୩ : ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କ ଉଦ୍ଧାର ସମ୍ପର୍କିତ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ସୁମି ସହ ୟୁକ୍ରେନର ଅନେକ ଅଞ୍ଚଳରେ ଫସି ଥିବା ଭାରତୀୟଙ୍କୁ ତୁରନ୍ତ ଉଦ୍ଧାର କରିବା ଉପରେ ଆଲୋଚନା କରାଯାଇଛି। ଶନିବାର ବସିଥିବା ଉଚ୍ଚସ୍ତରୀୟ ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, କେନ୍ଦ୍ରୀୟ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ, ବୈଦେଶିକ ମନ୍ତ୍ରଣାଳୟର ସଚିବ ହର୍ଷବର୍ଦ୍ଧନ ▶▶ପୃଷ୍ଠା ୭

## ୟୁକ୍ରେନରୁ ସ୍ୱତନ୍ତ୍ର ବିମାନ ଯୋଗେ ଫେରିଲେ ଆଉ ୩ ହଜାର ଭାରତୀୟ



ନୂଆଦିଲ୍ଲୀ, ୦୫/୦୩ : 'ଅପରେସନ ଗଙ୍ଗା' ଜରିଆରେ ୟୁକ୍ରେନରୁ ଭାରତୀୟ ନାଗରିକମାନଙ୍କର ଉଦ୍ଧାର ପ୍ରକ୍ରିୟା ଜାରି ରହିଛି । ୟୁକ୍ରେନର ପଡ଼ୋଶୀ ରାଷ୍ଟ୍ରରୁ ୧୫ଟି ସ୍ୱତନ୍ତ୍ର ବିମାନ ଜରିଆରେ ଆଜି ପ୍ରାୟ ତିନି ହଜାର ଭାରତୀୟ ନାଗରିକ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏଥିମଧ୍ୟରେ ୧୨ଟି ସ୍ୱତନ୍ତ୍ର ବେସାମରିକ ବିମାନ ଏବଂ ଭାରତୀୟ ବାୟୁସେନାର ୩ଟି ବିମାନ ରହିଛି । ଏଥିସହିତ, ୟୁକ୍ରେନରେ ଫସି ରହିଥିବା ଭାରତୀୟମାନଙ୍କୁ ଉଦ୍ଧାର ଲାଗି ୨୨ ଫେବୃଆରୀ, ୨୦୨୨ରେ ସ୍ୱତନ୍ତ୍ର ବିମାନ ଚଳାଚଳ ଆରମ୍ଭ ହେବା ପରଠାରୁ ଏବେସୁଦ୍ଧା ପ୍ରାୟ ୧୩ ହଜାର ୭ଶହ ଭାରତୀୟଙ୍କୁ ଫେରାଇ ଅଣାଯାଇଛି । ୫୫ଟି ସ୍ୱତନ୍ତ୍ର ବେସାମରିକ ବିମାନ ଜରିଆରେ ଫେରିଥିବା ଭାରତୀୟମାନଙ୍କ ସଂଖ୍ୟା ୧୧ ହଜାର ୭୨୮ରେ ପହଞ୍ଚିଛି । ଅପରେସନ ଗଙ୍ଗା ଅଧୀନରେ ଆଜି ସୁଦ୍ଧା, ଭାରତୀୟ ବାୟୁସେନାର ୧୦ଟି ବିମାନ ଜରିଆରେ ୨୦୫୬ ଜଣ ଯାତ୍ରୀ ଫେରିଛନ୍ତି ଏବଂ ୨୬ ଟନ୍ ରିଲିଫ ସାମଗ୍ରୀ ଏସବୁ ରାଷ୍ଟ୍ରକୁ ପରିବହନ କରାଯାଇଛି । ଗତକାଲି ହିଣ୍ଡନ ଏୟାର ବେସରୁ ଉଡ଼ାଣ ଆରମ୍ଭ କରିଥିବା ଭାରତୀୟ ବାୟୁସେନାର ତିନୋଟି ଅଧିକ ଓଜନ ପରିବହନକାରୀ ସି-୧୭ ବିମାନ ପୁଣିଥରେ ଆଜି ସକାଳେ ହିଣ୍ଡନ ଏୟାରବେସକୁ ଫେରିଛି। ଏସବୁ ବିମାନ ଜରିଆରେ ରୋମାନିଆ, ସ୍ଲୋଭାକିଆ ଏବଂ ପୋଲାଣ୍ଡରୁ ୬୨୯ ଜଣ ▶▶ପୃଷ୍ଠା ୭

## ରାଜ୍ୟରେ କରୋନାରେ ଆଉ ୭ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୯୮ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରେ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ, ଖୋର୍ଦ୍ଧା, କନ୍ଧମାଳ ଓ କେନ୍ଦ୍ରାପଡା ଜିଲ୍ଲାରୁ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ୟୁପିର ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

ନୂଆଦିଲ୍ଲୀ, ୦୫/୦୩ : ଉତରପ୍ରଦେଶରେ ଆସନ୍ତା ୭ ତାରିଖରେ ଅନ୍ତିମ ପର୍ଯ୍ୟାୟ ମତଦାନ ହେବାକୁ ଅଛି । ଯାହାକୁ ନେଇ ସମସ୍ତ ରାଜନୈତିକ ଦଳ ଜବରଦସ୍ତ ପ୍ରଚାର କାର୍ଯ୍ୟକ୍ରମ କରୁଛନ୍ତି । ରାଜ୍ୟରେ ଆସନ୍ତା ସୋମବାର ନିର୍ବାଚନ ଥିବାରୁ ଆଜି ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି । ସାଧାରଣ ଜନତାଙ୍କ ଭୋଟ ହାତେଇବା ପାଇଁ ନେତା ମାନେ କସରତ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ବାରଣାସୀରେ ଏକ ବିଶାଳ ସୋଭାଯାତ୍ରା କରିଛନ୍ତି । ଜନତାଙ୍କୁ ସମ୍ୱୋଧିତ କରିବା ସହ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ମୋଦୀ । ରାଜ୍ୟରେ ନିର୍ବଚନୀ ପ୍ରଚାର ଶେଷ ହେଉଥିବାକରୁ ଆଜି ମଇଦାନରେ ▶▶ପୃଷ୍ଠା ୭

## ଦିନ ଦ୍ୱିପ୍ରହରରେ ଅବସରପ୍ରାପ୍ତ ଜିପିଓଙ୍କ ଘରେ ପଶି ଫାୟାରିଙ୍ଗ କଲେ ଦୁର୍ବୃତ୍ତ



ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଦିନ ଦ୍ୱିପ୍ରହରରେ ଘର ଭିତରେ ପଶିଲେ, ଆଖିବୁଜା ଗୁଳିମାଡ କଲେ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡାର ମହାକାଳପଡା ଅଞ୍ଚଳରେ । ଦୁର୍ବୃତଙ୍କ ଗୁଳିମାଡରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପରିବାରର ଦୁଇ ଜଣ ଆହତ ହୋଇଛନ୍ତି । ଘଟଣା ପରେ ୨ଜଣ ଦୁର୍ବୃତଙ୍କୁ କାବୁ କରିଥିଲେ ଗାଁଲୋକେ । ରାଜନୈତିକ ଆକ୍ରୋଶ ନା ପୂର୍ବ ଶତ୍ରୁତାରୁ ଏହି ଗୁଳିକାଣ୍ଡ ହୋଇଛି ଏହା ସ୍ପଷ୍ଟ ହୋଇପାରିନାହିଁ । ତେବେ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ଦିନ ପ୍ରାୟ ସାଢ଼େ ୨ଟା । ସ୍ଥାନ- ବବକରପୁର, ମହାକାଳପଡା । ଅବସରପ୍ରାପ୍ତ ଜିପିଓ ଅରବିନ୍ଦ ମିଶ୍ରଙ୍କ ଘର ଭିତରକୁ ପଶି ଆସିଥିଲେ ଦୁଇ ଦୁର୍ବୃର୍ତ । ଅରବିନ୍ଦ କିଛି ବୁଝିବା ପୂର୍ବରୁ ଦୁର୍ବୃର୍ତମାନେ ଆଖିବୁଜା ଗୁଳିମାଡ କରିଥିଲେ । ତାପରେ ଘରେ ଥିବା ଅରବିନ୍ଦଙ୍କ ପୁଅ ଓ ପତ୍ନୀଙ୍କ ଉପରକୁ ଗୁଳି କରିଥିଲେ । ଗୁଳିମାଡରେ ଅରବିନ୍ଦଙ୍କର ମୃତ୍ୟୁ ହୋଇଥିବାବେଳେ ପୁଅ ଓ ପତ୍ନୀଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତି କରାଯାଇଛି । ▶▶ପୃଷ୍ଠା ୭

## ୩ ମହାନଗର ନିଗମ ପାଇଁ ମେୟର ପ୍ରାର୍ଥୀ ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୦୫/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ତଥା ବିଜେଡି ଦଳର ମୁଖ୍ୟ ନବୀନ ପଟ୍ଟନାୟକ ଶନିବାର ଦିନ ତିନୋଟି ସହରର ମେୟର ପଦବୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ସଂଘମିତ୍ରା ଦଳେଇଙ୍କୁ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନର ମେୟର ପଦବୀ ପାଇଁ ବିଜେଡି ପ୍ରାର୍ଥୀ ରୂପେ ଘୋଷଣା କରା ଯାଇଛି । ସେହିପରି ସୁଲୋଚନା ଦାସ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମେୟର ପଦବୀ ପାଇଁ ପ୍ରାର୍ଥୀ ହେବେ । ରାଜ୍ୟ ସଭା ସାଂସଦ ସୁବାସ ସିଂ କଟକ ମ୍ୟୁନିସିପାଲ କର୍ପୋରେସନର ମେୟର ପଦବୀ ପାଇଁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି ନବୀନ ପଟ୍ଟନାୟକ । ପ୍ରାର୍ଥୀ ହେବା ପରେ ପ୍ରତିକ୍ରିୟାରେ ଶ୍ରୀମତୀ ଦାସ କହିଛନ୍ତି, ସାମ୍ବାଦିକ ହିସାବରେ ଲୋକଙ୍କ ସମସ୍ୟାକୁ ବହୁତ ପାଖରୁ ଦେଖିଛି । ଭିନ୍ନକ୍ଷମ କମିଶନର ହେଲା ପରେ ବି ଲୋକଙ୍କ ସହ ଓତପ୍ରତ ଭାବେ ଜଡ଼ିତ ଥିଲି । ହେଲେ ହଠାତ୍ ମୁଖ୍ୟମନ୍ତ୍ରୀ ମୋ ଭଳି ଜଣେ ସାଧାରଣ ମହିଳା ଉପରେ ଆସ୍ଥା ପ୍ରକଟ କରି ମୋ ନାମ ମେୟର ପଦ ପାଇଁ ଘୋଷଣା କରିଥିବାରୁ ତାଙ୍କ ନିକଟରେ ସବୁବେଳେ ଆଭାରୀ ରହିବି। ରାଜଧାନୀବାସୀଙ୍କ ଆର୍ଶୀବାଦ ତଥା ସାହାଯ୍ୟ ସହଯୋଗ ପାଇ ମେୟର ଭାବେ ନିର୍ବାଚିତ ହେଲେ ଭୁବନେଶ୍ୱରକୁ ନେଇ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନ ▶▶ପୃଷ୍ଠା ୭

## ବିଏମସି ପାଇଁ ଡ.ସୁନିତୀ ମୁଣ୍ଡଙ୍କୁ ମେୟର ପ୍ରାର୍ଥୀ ଘୋଷଣା କଲା ବିଜେପି



ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ପାଇଁ ଡ.ସୁନିତୀ ମୁଣ୍ଡଙ୍କୁ ମେୟର ପ୍ରାର୍ଥୀ ଘୋଷଣା କରିଛି ବିଜେପି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି ଘୋଷଣା କରିଛନ୍ତି। ଡ. ମୁଣ୍ଡ ଜଣେ ସାହିତ୍ୟିକା ଭାବେ ପରିଚିତା। ସୂଚନା ଅନୁଯାୟୀ ଡ. ମୁଣ୍ଡ ଜଣେ ଉଚ୍ଚଶିକ୍ଷିତା ମହିଳା। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିଥିବା ବେଳେ ସାହିତ୍ୟ କ୍ଷେତ୍ରରେ ତାଙ୍କର ସୁନାମ ରହିଛି। ସେ ୨୮ଟି ପୁସ୍ତକ ରଚନା କରିଛନ୍ତି। ସାମ୍ବାଦିକା ଭାବେ ମଧ୍ୟ ସେ କିଛି ବର୍ଷ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ ତାଙ୍କର ଦକ୍ଷା ନାମକ ଏକ ସଂସ୍ଥା ରହିଛି , ଯାହା ମାଧ୍ୟମରେ ସେ ସମାଜସେବା କରୁଛନ୍ତି। ପ୍ରାର୍ଥୀ ହେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ସେ ଅନୁପ୍ରାଣୀତ ହୋଇ ରାଜନୀତିରେ ଯୋଗ ଦେଇଛନ୍ତି। ଭୁବନେଶ୍ୱର ମହାନଗର ନିଗମର ଉନ୍ନତି ପାଇଁ ସେ ପ୍ରଚେଷ୍ଟା କରିବେ। ବିଶେଷ କରି ବସ୍ତି ବାସିନ୍ଦାଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଡ. ମୁଣ୍ଡ ପ୍ରତିକ୍ରିୟା ଦେଇଛନ୍ତି। ଏହାପୂର୍ବରୁ ଶନିବାର ସକାଳେ ବିଜେଡି ସୁଲୋଚନା ଦାସଙ୍କୁ ବିଏମସି ମେୟର ପ୍ରାର୍ଥୀ ଘୋଷଣା କରିଥିଲା। ସେହିପରି ଗତକାଲି କଂଗ୍ରେସ ମଧ୍ୟ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ମେୟର ପ୍ରାର୍ଥୀ ଘୋଷଣା କରିଛି। ଏହି ଅବସରରେ ଜିଲ୍ଲା ସଭାପତି ବାବୁ ସିଂ, ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଚଳିତ ଥର ପ୍ରଥମ ଥର ପାଇଁ ରାଜ୍ୟରେ ମେୟର ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ଭୁବନେଶ୍ୱର-କଟକ-ବ୍ରହ୍ମପୁର ମହାନଗର ନିଗମ ପାଇଁ ଅନୁଷ୍ଠିତ ହେବାକୁ ଯାଉଛି ନିର୍ବାଚନ।

## ଢିଙ୍କିଆରେ ପୁଣି ଥରେ ହେଲା ଜନଶୁଣାଣି ଶିବିର

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଢିଙ୍କିଆ ପଂଚାୟତରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଣି ଥରେ ହୋଇଛି ଜନଶୁଣାଣି । ଏହି ଜନ ଶୁଣାଣିରେ ବାହାର ଲୋକଙ୍କୁ ବାରଣ କରାଯାଇଥିଲା । ଏଥିରେ ସ୍ଥାନୀୟ ପଂଚାୟତର ସମସ୍ତ ଲୋକଙ୍କ ମତାମତ ସଂଗ୍ରହ କରାଯାଇଛି । ଜେଏସଡ଼ବ୍ଲୁ ପ୍ରକଳ୍ପକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ କିଭଳି ମନୋଭାବ ରହିଛି । ଲୋକମାନେ ଶିଳ୍ପକୁ କିଭଳି ସ୍ୱାଗତ କରୁଛନ୍ତି । ସେମାନଙ୍କର କୌଣସି ଦାବି କିମ୍ବା ପ୍ରସ୍ତାବ ରହିଛି କି, ସେନେଇ ଗାଁ ଲୋକମାନେ ଏହି ଜନଶୁଣାଣିରେ ଜିଲ୍ଲାପାଳ ଓ ଏସପିଙ୍କ ସମ୍ମୁଖରେ ବିନା ଭୟରେ ମତ ରଖିଥିଲେ । ତେବେ ଜନ ଶୁଣାଣି ବେଳେ ପ୍ରକଳ୍ପ ବିରୋଧୀ ମାନେ ସ୍ଥାନୀୟ ଅଂଚଳରେ ପ୍ରକଳ୍ପ ନିର୍ମାଣକୁ ବିରୋଧ କରିଥିଲେ । ଏହି ଜନ ଶୁଣାଣିର ସମସ୍ତ କଥା ଭିଡ଼ିଓ ରେକର୍ଡ଼ କରାଯିବା ବ୍ୟବସ୍ଥା ରହିଥିଲା । ପୂର୍ବରୁ ଗତ ୧୯ ତାରିଖରେ ମାନ୍ୟବର ହାଇକୋର୍ଟଙ୍କ ଏକ ୫ଜଣିଆ କମିଟି ଢିଙ୍କିଆ ଗାଁକୁ ଆସିଥିବା ବେଳେ କିଛି ବାହାର ଲୋକେ ଜୋରଜବରଦସ୍ତ ଏକ ଶୋଭାଯାତ୍ରାରେ ଆସି ବିଶୃଂଖଳା ସୃଷ୍ଟି କରିଥିଲେ । ଆଉ ଢିଙ୍କିଆ ଫୁଲଖାଇ ମନ୍ଦିର ରଣକ୍ଷେତ୍ର ପାଲଟିଥିଲା । ଫଳରେ ଆଇନଜୀବୀ ସଠିକ ତଥ୍ୟ ସଂଗ୍ରହ କରିପାରିନଥିଲେ ବୋଲି କୋର୍ଟଙ୍କୁ ଅବଗତ କରିଥିଲେ । ଏହାକୁ ଅନୁଧ୍ୟାନ କରି ଢିଙ୍କିଆ ପଂଚାୟତରେ ପୁନର୍ବାର ଜନଶୁଣାଣି କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ । ଆଜି ହାଇକୋର୍ଟଙ୍କ ୫ ଜଣିଆ ଆଇନଜୀବୀ କମିଟି ଢିଙ୍କିଆରେ ପହଂଚି ଜନଶୁଣାଣି କରିଛନ୍ତି । ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରି ମାନ୍ୟବର ହାଇକୋର୍ଟଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଓ ଆଇନଜୀବୀ କମିଟିର ରିପୋର୍ଟ ଆଧାରରେ ଆସନ୍ତା ମାର୍ଚ୍ଚ ୧୧ ତାରିଖରେ ମାନ୍ୟବର ହାଇକୋର୍ଟ ଢିଙ୍କିଆ ସମ୍ପର୍କରେ ଶୁଣାଣି କରାଯିବ ।

## ଚତୁର୍ଥ ଦିନରେ ବାଲେଶ୍ୱର ପୌରପାଳିକାର ୩ ପ୍ରାର୍ଥୀଙ୍କ ନାମାଙ୍କନ

ବାଲେଶ୍ୱର, ୦୫/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନରେ ଆଜି ୩ ଜଣ କାଉନସିଲର ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଆଶାୟୀମାନେ ପୌରାଧ୍ୟକ୍ଷ ପାଇଁ ୨ ଗୋଟି ଫର୍ମ ଓ କାଉନସିଲର ପଦ ପାଇଁ ୪୨ଟି ଫର୍ମ ବାଲେଶ୍ୱର ପୌରପାଳିକାର ସଂଗ୍ରହ କରିଛନ୍ତି। ଅଦ୍ୟାବଧି ଅଧ୍ୟକ୍ଷ ପଦପାଇଁ ଜଣେ ହେଲେ ନାମାଙ୍କନ ଦାଖଲ କରି ନ ଥିବା ବେଳେ ୪ ଦିନରେ ମୋଟ ୧୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ପୌରପାଳିକା ପକ୍ଷରୁ ଜଣାପଡ଼ିଛି। ଚତୁର୍ଥ ଦିନରେ ୫ ନଂ ୱାର୍ଡ଼ ପାଇଁ ସାହେବ ଅକ୍ତର, ୧୫ ନଂ ୱାର୍ଡ଼ ପାଇଁ ରଶ୍ମିରେଖା ଶତପଥୀ ଓ ୯ ନଂ ୱାର୍ଡ଼ କାଉନସିଲର ପଦ ପାଇଁ ଦୀନେଶ କୁମାର ପଟ୍ଟନାୟକ ନାମାଙ୍କନ ଦାଖଲ କରିଥିଲେ। ତେବେ ଅଦ୍ୟାବଧି କୌଣସି ଦଳୀୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନଥିବା ଜଣାପଡ଼ିଛି। ୭ ତାରିଖ ନାମାଙ୍କନ ଦାଖଲର ଶେଷଦିନ ଥିବା ବେଳେ ତା'ପୂର୍ବରୁ ବାଲେଶ୍ୱର ପୌରପାଳିକାର ୩୧ ଗୋଟି ୱାର୍ଡ଼ ସମେତ ଅଧ୍ୟକ୍ଷ ପଦ ପାଇଁ ପ୍ରମୁଖ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହେବା ନେଇ ଦଳୀୟ କର୍ମୀମାନେ ଆଶା ପ୍ରକାଶ କରିଛନ୍ତି।

# ଟିପିଏନଓଡିଏଲ ପକ୍ଷରୁ ଜାତୀୟ ନିରାପତ୍ତା ସପ୍ତାହ ପାଳିତ



ବାଲେଶ୍ୱର,୦୫/୦୩ (ନି.ପ୍ର): ବାଲେଶ୍ୱରର ବିଦ୍ୟୁତ ଯୋଗାଣ ସଂସ୍ଥା 'ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ' (ଟିପିଏନଓଡିଏଲ) ପକ୍ଷରୁ ୫୧ତମ ଜାତୀୟ ନିରାପତ୍ତା ସପ୍ତାହ ଶୁକ୍ରବାର ଦିବସବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ହୋଟେଲ ହରିପ୍ଲାଜାଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଟିପିଏନଓଡିଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର ବିଭାଗୀୟ ପତାକା ଉତ୍ତୋଳନ ପୂର୍ବକ ଉଦଘାଟନ କରଇଥିଲେ। ନିରାପତ୍ତା ଦିବସ ପାଳନର ଆଭିମୁଖ୍ୟ ଓ ଯଥାର୍ଥତା ସମ୍ପର୍କରେ ଆଲୋକପାତ ସହ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଅଧିକାରୀଙ୍କ ଜୀବନ ରକ୍ଷା ପାଇଁ ଟାଟା ପାୱାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ପଦକ୍ଷେପ ଦ୍ୱାରା କର୍ମଚାରୀ ଓ ଅଧିକାରୀଙ୍କ ସମେତ ସେମାନଙ୍କ ପରିବାର ବି ଆଜି ସୁରକ୍ଷିତ ରହିପାରିଛନ୍ତି ବୋଲି ଶ୍ରୀ ସରକାର ମତ ପ୍ରକାଶ କରିଥିଲେ। ଟାଟା ପାୱାରର ବିଦ୍ୟୁତ ବିତରଣ କ୍ଷେତ୍ରରେ ଲାଇନ ମ୍ୟାନମାନେ ପ୍ରମୁଖ ଅଙ୍ଗ ହୋଇଥିବା ବେଳେ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସମସ୍ତ ପ୍ରକାର ନିରାପତ୍ତା ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ମାର୍ଚ୍ଚ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ୫୧ତମ ଜାତୀୟ ନିରାପତ୍ତା ସପ୍ତାହର ପ୍ରଥମ ଦିନକୁ ଲାଇନ ମ୍ୟାନ ଦିବସ ରୂପେ ଟାଟା ପାୱାର ପାଳନ କରୁଛି ବୋଲି ଶ୍ରୀ ସରକାର ସୂଚନା ଦେଇଥିଲେ। ଟାଟା ପାୱାରରେ କାର୍ଯ୍ୟରତ ଯୁବଗୋଷ୍ଠୀଙ୍କୁ ସୁରକ୍ଷା ନିୟମକୁ ଏକ ସଂସ୍କୃତି ବା ପରମ୍ପରାରେ ପରିଣତ ସହ ଅନ୍ୟ ସାଥୀମାନଙ୍କୁ ଉତ୍ସାହିତ ପାଇଁ ଆହ୍ୱାନ ଦେଇଥିଲେ। ଟାଟା ପାୱାର ଅପରେସନ ମୁଖ୍ୟ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂହ, ଅର୍ଥ ବିଭାଗ ମୁଖ୍ୟ ଶୀଲାଦିତ୍ୟ ସେନଗୁପ୍ତ, କାର୍ଯ୍ୟପ୍ରଣାଳୀ ବିଭାଗ ମୁଖ୍ୟ ସନ୍ଦୀପ ପାଲ, ବାଲେଶ୍ୱରର ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଅମରେଶ୍ୱର ଶତପଥି, କେନ୍ଦ୍ରୀୟ ଇଲେକ୍ଟ୍ରିକାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପୁହାଣ, ଟିପିଏନଓଡିଏଲ ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ମୌଳିକ ଆବଶ୍ୟକତା ଓ ନିରାପତ୍ତା ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଲାଇନମ୍ୟାନମାନେ କାର୍ଯ୍ୟ କ୍ଷେତ୍ରରେ ନିଜ ଜୀବନ ରକ୍ଷା ପ୍ରତି ସର୍ବଦା ସଚେତନ ରହିବା ସହ ଟାଟା ପାୱାର ପକ୍ଷରୁ ପ୍ରଦାନ କରାଯାଉଥିବା ନିରାପତ୍ତା ଉପକରଣର ସଠିକ ବ୍ୟବହାର ପାଇଁ ସେମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଟାଟା ପାୱାର ଅଧନରେ କାର୍ଯ୍ୟରତ ବିଭିନ୍ନ ଡିଭିଜନର ବହୁ ଲାଇନମ୍ୟାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୁରକ୍ଷା ନିୟମ ପାଳନ ପାଇଁ ଶପଥ ପାଠ କରିଥିଲେ।

# ଧର୍ମଶାଳାରେ ବିଜେଡିର ଭଲ ପ୍ରଦର୍ଶନ ଓ କଂଗ୍ରେସ ସ୍ଥିତି ଦୟନୀୟ

ଧର୍ମଶାଳା,୦୫/୦୩ (ନି.ପ୍ର): ଇତି ମଧରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସରିଯାଇଛି। ଚଳିତ ନିର୍ବାଚନରେ ରାଜ୍ୟରେ ବିଜେଡି ଭଲ ପ୍ରଦର୍ଶନ କରିଛି। ସେହିପରି ଦେଖିବାକୁ ଗଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ବିଜେଡି ଭଲ ପ୍ରଦର୍ଶନ କରିଛି। ବ୍ଲକର ୫ଗୋଟି ଜୋନ୍ ଜିଲା ପରିଷଦ ଆସନ ମଧ ହାତେଇ ନେଇଛି। ଏହି ୫ ଗୋଟି ଜୋନରେ ବିଜେଡି ୮୩ ହଜାର ୩ଶହ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ୪୯ ହଜାର ୨୧୧ ଖଣ୍ଡ ଭୋଟ ଓ କଂଗ୍ରେସ ୫୨୭୧ ଖଣ୍ଡ ଭୋଟ ପାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୨୦୧୭ ମସିହା ନିର୍ବାଚନରେ ବିଜେଡି ୭୫ ହଜାର ୯୦୧ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ୩୭ ହଜାର୯୪୪ ଭୋଟ ପାଇଥିଲା। ସେହିପରି କଂଗ୍ରେସ ୧୫ ହଜାର ୯୭୭ ଖଣ୍ଡ ଭୋଟ ପାଇଥିଲା। ତେବେ ଚଳିତ ଥର ବିଜେଡି ଓ ବିଜେପିର ଭୋଟ ବୃଦ୍ଧି ପାଇଥିବା ବେଳେ କଂଗ୍ରେସ ଦଳର ଭୋଟ ବହୁ ସଂଖ୍ୟାରେ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଗତ ୨ ଗୋଟି ପଂଚାୟତ ନିର୍ବାଚନରେ କଂଗ୍ରେସ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ଏଭଳି ପରିସ୍ଥିତି ଜାରି ରହିଲେ ଆଗାମୀ ଦିନରେ ଧର୍ମଶାଳା ଅଂଚଳରୁ କଂଗ୍ରେସ ସମ୍ପୂର୍ଣ୍ଣ ଲୋପ ପାଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି।

# ୯ଟି ବ୍ଲକରେ ହେବ ଭିନ୍ନକ୍ଷମ ଚିହ୍ନଟ ଶିବିର

କେନ୍ଦ୍ରାପଡ଼ା,୦୫/୦୩(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ବ୍ଲକୱାରି ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ଆଜିସୁଦ୍ଧା ଜିଲ୍ଲାର ୧୧ ହଜାର ୬୧୭ ଜଣ ବ୍ୟକ୍ତି ପ୍ରୋଟାଲରେ ଦରଖାସ୍ତ କରି ପ୍ରମାଣପତ୍ର ପାଇବାକୁ ଅପେକ୍ଷାରେ ଅଛନ୍ତି। ଏନେଇ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁଡିଆଇଡି ପ୍ରମାଣପତ୍ର ପାଇବା ପାଇଁ ଆବେଦନ କରିଥିବା ବ୍ୟକ୍ତିମାନେ ସେମାନେ ମୂଳ ଦରଖାସ୍ତ ଫର୍ମ, ଆଧାର କାର୍ଡର ନକଲ, ୨ଟି ପାସପୋର୍ଟ ଫଟୋ, ଶିକ୍ଷାଗତ ପ୍ରମାଣପତ୍ର ଆଦି ସହ ସେମାନଙ୍କ ବ୍ଲକରେ ହେବାକୁ ଥିବା ଶିବିରରେ ସକାଳ ୯ଟା ସୁଦ୍ଧା ପହଁଚିବା ପାଇଁ ସୂଚନା ଦିଆଯାଇଛି। ମାର୍ଚ୍ଚ ୮ ମହାକାଳପଡା, ମାର୍ଚ୍ଚ ୧୦ ମାର୍ଶାଘାଇ, ମାର୍ଚ୍ଚ ୧୪ ରାଜକନିକା, ମାର୍ଚ୍ଚ ୨୧ ଡେରାବିଶ ପ୍ରଭୃତି ବ୍ଲକ ପରିସରରେ ଶିବିର ଅନୁଷ୍ଠିତ ହେବ। ସେହିଭଳି ମାର୍ଚ୍ଚ ୨୫ ରେ ରାଜନଗର ବ୍ଲକଓ ତହସିଲ କ୍ୟାମ୍ପସରେ ଶିବିର ପରିଚାଳନା କରାଯିବ। ୧୬ ତାରିଖରେ ଆଳି ହାଇସ୍କୁଲ, ୨୮ରେ ଗରଦପୁର ର ନଇନ୍ଦିପୁର ହାଇସ୍କୁଲ, ୩୦ ରେ ପଟ୍ଟାମୁଣ୍ଡାଇର ଏମଏନ ହାଇସ୍କୁଲ ଓ ୩୧ରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ପରିସରରେ ଭିନ୍ନକ୍ଷମ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହେବବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଓ ବିଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ଖାଇବା ତେଲ ଦର ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ

ଧର୍ମଶାଳା,୦୫/୦୩ (ନି.ପ୍ର): ଋଷ ଓ ୟୁକ୍ରେନ ମଧରେ ୯ ଦିନ ଧରି ଘମାଘୋଟ ଲଢେଇ ଜାରି ରହିଛି। ଏହି ଯୁଦ୍ଧର ପ୍ରଭାବ ସିଧାସଳଖ ଖାଇବା ତେଲ ଉପରେ ପଡିଛି। ଏବେ ଖାଇବା ତେଲ ଦର ଲିଟର ପିଛା ୨୦ଟଙ୍କା ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲାର ମୁଖ୍ୟ ବଜାରମାନଙ୍କରେ ଥିବା ବଡବଡ ପାଇକାରୀ ଦୋକାନ ଓ ଖୁଚୁରା ବ୍ୟବସାୟୀମାନେ ଖାଇବା ତେଲ ଉପରେ ୨୦ ଟଙ୍କା ଅଧିକ ନେଉଥିବା ଖାଉଟିମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ବିଭିନ୍ନ ବ୍ରାଣ୍ଡର ପାମୋଲିନ, ରିଫାଇନ, ସୂର୍ଯ୍ୟମୁଖୀ ଓ ସୋୟାବିନ ତେଲ ମହଙ୍ଗା ହୋଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ କିଛି ବି ସୂଚନା ଦେବା ପୂର୍ବରୁ ବ୍ୟବସାୟୀମାନେ ଖାଉଟିମାନଙ୍କଠାରୁ ଲିଟର ପିଛା ୨୦ଟଙ୍କା ଅଧିକ ନେଉଥିଲେ ମଧ ଜିଲା ଯୋଗାଣ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେବାକୁ ଖାଉଟି ମହଲରେ ଦୃଢ଼ ଦାବି ହେଉଛି।

# ମହିଳା ଚିତ୍ରକଳା ଶିବିର ଉଦଘାଟିତ

ପୁରୀ,୦୫/୦୩ (ନି.ପ୍ର): ମହିଳା ଚିତ୍ରକଳା ଶିବିର ସ୍ଥାନୀୟ ସଂସ୍କୃତି ଭବନରେ ଉଦଘାଟିତ ହୋଇଛି। ଲଳିତ କଳା ଏକାଡେମୀ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ମହିଳା ଚିତ୍ରକଳା ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଉଦଘାଟନ କରିଛନ୍ତି। ଏହାଦ୍ୱାରା ଜିଲ୍ଲାରେ ରହିଥିବା ଲୁକ୍କାୟିତ ଚିତ୍ରକଳା ଲୋକଲୋଚନକୁ ଆସିବା ସହ ଶିଳ୍ପୀମାନଙ୍କ ପ୍ରତିଭା ବିକଶିତ ହୋଇପାରିବ। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ। ପୁରୀର ୧୦ ଜଣ ମହିଳା ଚିତ୍ରଶିଳ୍ପୀ ଏଥିରେ ଭାଗ ନେଇଛନ୍ତି। ସେମାନେ ହେଲେ ନୟନା ବାରିକ, ପୁଷ୍ପାଞ୍ଜଳି ରାଓ, ସଂଯୁକ୍ତା ଦାସ, ପ୍ରିୟଦର୍ଶନୀ ସାହୁ, ଅମ୍ବ୍ରାପଲ୍ଲୀ ମହାପାତ୍ର, ସସ୍ମିତା ମହାରଣା, ଲକ୍ଷ୍ମୀପ୍ରିୟା ଦଳାଇ, ମିନାକ୍ଷୀ ଦାସ, ପ୍ରତିଭା ଦାସ, ସ୍ୱେଡଲ ନାୟକ। ଉକ୍ତ ଶିବିରରେ ସେମାନଙ୍କ ଦ୍ୱାରା ସୃଷ୍ଟ କଳାକୃତି ଆସନ୍ତା ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ ହେବ।

ଏହି ଅବସରରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଚିତ୍ରଶିଳ୍ପୀ ସତ୍ୟ ପାଢୀ, ଚନ୍ଦ୍ରଶେଖର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜନୈତିକ ଆକ୍ରୋଶକୁ ନେଇ ଯୁବକକୁ ଆକ୍ରମଣ ସହ ବାଇକ ପୋଡି: ଥାନାରେ ଅଭିଯୋଗ

ନିମାପଡ଼ା,୦୫/୦୩ (ନି.ପ୍ର): ରାଜନୈତିକ ଆକ୍ରୋଶକୁ କେନ୍ଦ୍ର କରି ଗୁରୁବାର ରାତିରେ ନିମାପଡା ବ୍ଲକ ଅନ୍ତର୍ଗତ ହରିପୁର ପଂଚାୟତର ହରିପୁର ଗ୍ରାମରେ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ କରାଯିବା ଯୁବକର ମଟର ବାଇକକୁ ଜାଳିଦେଇଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ହରିପୁର ଗ୍ରାମର ସର୍ବେଶ୍ୱର ବେହେରା ବଳଙ୍ଗା ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ଗୁରୁବାର ରାତି ୧୧ଟା ସମୟରେ ତାଙ୍କ ପୁଅ ଅନିଲ ବେହେରା ବଜାରରୁ କାମ ସାରି ଘରକୁ ବାଇକ ଯୋଗେ ଫେରୁଥିଲେ। ତେବେ ଫେରିବା ବାଟରେ ଗ୍ରାମର ଅବିର ପ୍ରଧାନଙ୍କ ଘର ସମ୍ନାରେ ଗ୍ରାମର କାହ୍ନୁଚରଣ ପ୍ରଧାନ ଓ ରାମ ଚନ୍ଦ୍ର ବେହେରାଙ୍କ ସହ କଥା ହେଉଥିଲା ବେଳେ ପୂର୍ବ ଯୋଜନା ମୁତାବକ ସେହି ଗ୍ରାମର ୬ଜଣ ବ୍ୟକ୍ତି ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ହଠାତ ଅନିଲକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଅନିଲଙ୍କ ଗୋଡ ଓ ମୁଁହରେ ଆଘାତ ଲାଗିବା ସହ ସେ ତଳେ ପଡିଯାଇଥିଲେ। ଏହି ସମୟରେ ଆକ୍ରମଣ କାରୀ ମାନେ ଅନିଲଙ୍କ ବାଇକକୁ ଶାବଳରେ ବାଡେଇ ଭାଙ୍ଗିବା ସହ ତେଲ ଟାଙ୍କିକୁ କଣା କରି ସେଥିରେ ନିଁଆ ଲଗାଇଦେଇଥିଲେ। ବାଇକଟି ଜଳୁଥିବା ବେଳେ ସେହି ନିଁଆରେ ଅନିଲଙ୍କୁ ପୋଡି ଦେବା ପାଇଁ ଉଦ୍ୟମ କରୁଥିବା ବେଳେ କେତେକ ଗ୍ରାମବାସୀ ବିରୋଧ କରିବାରୁ ଆକ୍ରମଣ କାରୀ ମାନେ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ଘଟଣା ସ୍ଥଳରୁ ଚାଲିଯାଇଥିଲେ। ପରିବାର ଲୋକେ ଘଟଣା ସ୍ଥଳରେ ପଂହଚି ଅନିଲକୁ ଉଦ୍ଧାର କରି ଘରକୁ ଆଣିଥିଲେ। ତେବେ ଶୁକ୍ରବାର ସକାଳୁ ଅନିଲଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ପିପିଲି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ୬ନମ୍ବର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା ଲେଖକ ସାମ୍ମୁଖ୍ୟର ପୁସ୍ତକ ଉନ୍ମୋଚନ ଓ କବିତା ପଠନ

କନ୍ଧମାଳ ,୦୫/୦୩ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଜିଲ୍ଲା ଲେଖକ ସାମୁଖ୍ୟ ଆନୁକୁଲ୍ୟରେ କବିତା ପାଠ ଓ ପୁସ୍ତକ ଉନ୍ମୋଚନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଲେଖକ ସାମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ବରିଷ୍ଠ ସାହିତ୍ୟିକ ଅନନ୍ତ ଚରଣ ମିଶ୍ର ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ ଭଦ୍ରକର ପାଳିଆ ଅବସ୍ଥିତ ପ୍ରଭୁ ବିରଂଚି ନାରାୟଣଙ୍କ କଥା ଓ ଗାଥାକୁ ନେଇ 'ପାଳିଆ ବିରଂଚି ନାରାୟଣ ଓ ଭାବ ଭକ୍ତି ର କବିତା ଜୀବନ ସ୍ରୋତ କୁ ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆର ଅଧ୍ୟକ୍ଷ ଡ଼ଃ ଚିତ୍ତରଞ୍ଜନ ମିଶ୍ର ସମୀକ୍ଷା କରିଥିଲା ବେଳେ ସଂଗଠନ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ସହ ସମ୍ପାଦିକା ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଅଧ୍ୟାପିକା ହରପ୍ରିୟା ମିଶ୍ରଙ୍କ ସୁନ୍ଦର ସଂଯୋଜନାରେ ଉପସ୍ଥିତ କବିମାନେ କବିତା ଆବୃତ୍ତି କରିଥିଲେ। ସର୍ବଶ୍ରୀ ନବୀନ ଚନ୍ଦ୍ର ପଣ୍ଡା, ଡ଼ଃ ନୃସିଂହାନନ୍ଦ ମହାପାତ୍ର, କୁନ୍ଦନ ସିଂ, ବି କେ କମଳ, କବି ସୌରଭ ବୈଜୟନ୍ତୀମାଳା ମହାପାତ୍ର, ସୋମନାଥ ସାହୁ,ଦୁର୍ଯ୍ୟୋଧନ ପ୍ରଧାନ, ରାମକୃଷ୍ଣ ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଏହା ପୂର୍ବରୁ ଡ଼ଃ ମହାନ୍ତିଙ୍କ ବହୁ ପୁସ୍ତକ ପ୍ରକାଶିତ ହୋଇଥିଲା ବେଳେ ମହାଶିବ ରାତ୍ର ଅବସରରେ ଚକାପାଦଠାରେ ବାବା ବିରୁପାକ୍ଷ ଓ ବାଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା ପାଟଖଣ୍ଡା ଙ୍କ ମନ୍ଦିରରେ ମହାମାୟୀ ପାଟଖଣ୍ଡା'' ନାମରେ ଦୁଇଟି ପୁସ୍ତକ ସଦ୍ୟ ଉନ୍ମୋଚିତ ହୋଇ ଯାଇଛି। ଡ଼ଃ ମହାନ୍ତି ଙ୍କ ଏହି ସାହିତ୍ୟ କୃତି ପାଇଁ ଫୁଲବାଣୀ ସମ୍ବାଦ ସାହିତ୍ୟ ଘରର ସମ୍ପାଦକ କୈଳାଶ ଚନ୍ଦ୍ର ଧଳ ଶୁଭେଚ୍ଛା ଜଣାଇଛନ୍ତି।

# ୟୁକ୍ରେନରୁ ଫେରିଲେ କେନ୍ଦ୍ରାପଡାର ଡାକ୍ତରୀ ଛାତ୍ର

କେନ୍ଦ୍ରାପଡ଼ା,୦୫/୦୩ (ନି.ପ୍ର): ରୁଷ ୟୁକ୍ରେନ ଯୁଧ ମଧରେ ଜୀବନ ରକ୍ଷାକରି ଅକ୍ଷତ ଅବସ୍ଥାରେ କେନ୍ଦ୍ରାପଡା ସାନ୍ତସାହିର ଡାକ୍ତରୀ ଛାତ୍ର ଘରେ ପହଁଚି ଥିବାରୁ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ସେଠାରେ ଯୁଧ ହେବାପରେ ବହୁ କଷ୍ଟରେ ସେ କେନ୍ଦ୍ରାପଡାରେ ଆସି ପହଁଚିଥିବା ଜଣାପଡିଛି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ତୀବ୍ରତର ହେବାପରେ ୟୁକ୍ରେନର ଇଭାନୋ ଫ୍ୟାଙ୍କିଭିକ୍ସ ନ୍ୟାସନାଲ ମେଡିକାଲ ୟୁନିଭରସିଟି ରେ ୨୦୧୭ ମସିହାରୁ ରହି ଡାକ୍ତରୀ ପାଠ ପଢୁଥିବା ପୌରାଂଚଳ ସାନ୍ତସାହି ଗ୍ରାମର ଚିତ ରଞ୍ଜନ ବିଶ୍ୱାଳଙ୍କ ପୁଅ ଅରିଜିତ ବିଶ୍ୱାଳ ଗତକାଲି କେନ୍ଦ୍ରାପଡାରେ ପହଁଚିଥିବା ଜଣାପଡିଛି। ଯୁଦ୍ଧ ଘୋଷଣା ହେବାପରେ ଅରିଜିତ ଓ ତାର ସହପାଠୀ ମାନେ ଇଭାନୋର ବଙ୍କର ଭିତରେ ଲୁଚି ରହିଥିଲେ। ଖାଇବା ପିଇବା ଓ ପାନୀୟ ଜଳ ଅଭାବରୁ ଏମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉ ଥିବାବେଳେ ସ୍ଥାନୀୟ ଲୋକଙ୍କର ସହଯୋଗ କ୍ରମେ ଅରିଜିତ ସାହସର ସହିତ ତାଙ୍କର ସାଙ୍ଗକୁ ନେଇ ୟୁକ୍ରେନ ବର୍ଡର ପାର ହୋଇ ରୋମାନିଆ ଠାରେ ପହଁଚିବା ପରେ ସେଠାରେ ଭାରତ ସରକାରଙ୍କ ପକ୍ଷରୁ ସହାୟତା କ୍ରମେ ଦିଲ୍ଲୀରେ ଆସି ପହଁଚିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କର ସହାୟତାରେ କେନ୍ଦ୍ରାପଡାରେ ପହଁଚିଥିବା ଜଣାପଡିଛି। ଅରିଜିତ ଓଡିଶା ସରକାର ଓ କେନ୍ଦ୍ର ସରକାରଙ୍କୁ ତାଙ୍କ ସହପାଠୀ ମାନଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ଅରିଜିତଙ୍କ ପରିବାର ପକ୍ଷରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କୋଦଳା ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ୨ ପ୍ରାର୍ଥୀ

ଗଞ୍ଜାମ,୦୫/୦୩ (ନି.ପ୍ର): ପୌର ନିର୍ବାଚନକୁ ନେଇ ଗଞ୍ଜାମ ଜିଲ୍ଲାରେ ରାଜନୀତି ସରଗରମ ହୋଇଉଠିଛି। ୨ ତାରିଖ ଠାରୁ ନାମାଙ୍କନ ପତ୍ର ଦାଖଲ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ କୋଦଳା ଏନଏସିରେ ପ୍ରଥମ ଓ ଦ୍ୱିତୀୟ ଦିନରେ କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇନଥିଲା। ତେବେ ନାମାଙ୍କନ ପତ୍ର ଦାଖଲର ତୃତୀୟ ଦିନରେ କୋଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ପଦବୀ ପାଇଁ ୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି। କୋଦଳା ଏନଏସି ର ୱାର୍ଡ ନମ୍ବର ୧୧ ରୁ ମହିଳା ପ୍ରାର୍ଥୀନୀ ରଶ୍ମିରାଣୀ ପାଢୀ ଅଧ୍ୟକ୍ଷ ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୭ ନମ୍ବର ୱାର୍ଡରୁ କବି ସାହୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଦଳ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇନାହିଁ। ସେପଟେ ବିଜେଡ଼ି ପକ୍ଷରୁ ଆଶାୟୀଙ୍କ ତାଲିକା ଅଧିକ ରହୁଥିବା ଜଣାପଡିଛି। ଏଣୁ ଉକ୍ତ ଏନଏସିରେ ବିଜୁ ଜନତା ଦଳର ୱାର୍ଡ ସଭ୍ୟ ଠାରୁ ଆରମ୍ଭ କରି ଅଧ୍ୟକ୍ଷ ପ୍ରାର୍ଥୀ କିଏ ହେବ ତାକୁ ନେଇ ଏଯାବତ୍ କୌଣସି ଫଇସଲା ହୋଇ ନଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ ଏନେଇ ନିଷ୍ପତି ନେବେ ବୋଲି ମଧ ଚର୍ଚ୍ଚା ହେଉଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ୬ ତାରିଖରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପଟେ ବିଜେପିରେ ମଧ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଥିବା ସୂଚନା ମିଳିଛି। ୨ ଦିନ ମଧରେ ବିଜେପି ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ସୂଚନା ମିଳିଛି। ସେହିପରି କଂଗ୍ରେସ ପକ୍ଷରୁ ଯୁବ ପ୍ରାର୍ଥୀ ଚୟନ ହୋଇଥିବା ଜଣାପଡିଛି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ବାର୍ଷିକ ଖାଦ୍ୟମେଳା

କେନ୍ଦ୍ରାପଡ଼ା,୦୫/୦୩ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ଗୃହବିଜ୍ଞାନ ବିଭାଗ ଆନୁକୁଲ୍ୟରେ ବାର୍ଷିକ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରାଧ୍ୟାପିକା ପ୍ରତିଜ୍ଞା ସାମଲ ଖାଦ୍ୟମେଳାକୁ ଉଦ୍‌ଘାଟନ କରିବା ସହିତ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ହିଁ ଜଣେ ନାରୀକୁ ସୁଗୃହିଣୀ ଭାବରେ ପରିଚିତ କରେ ଏବଂ ଏହି ଖାଦ୍ୟମେଳା ଛାତ୍ରୀମାନଙ୍କୁ ଭବିଷ୍ୟତରେ ଅର୍ଥ ରୋଜଗାରର ଏକ ମାଧ୍ୟମ ଦେଇପାରିବ ବୋଲି ପରାମର୍ଶ ଦେଇଥିଲେ। ଅଧକ୍ଷ ପ୍ରଫେସର ରଞ୍ଜିତ୍ ରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ଼ଃ ପ୍ରମିଳାରାଣୀ ବେହେରା, ଆଇ.କ୍ୟୁ.ଏ.ସିର ସଂଯୋଜକ ଡ଼ଃ ମଥୁରୀ ଚରଣ ନାୟକ ଓ ପ୍ରାଧ୍ୟାପିକା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପତି ଖାଦ୍ୟମେଳାର ଉଦ୍ଦେଶ୍ୟ ଓ ଏହାର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀମାନେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ୨୮ ଗୋଟି ଷ୍ଟଲ୍‌ରେ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଏହି ମେଳାରେ ଅଂଶଗ୍ରହଣ କରି ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ। ୧ ହଜାରରୁ ଅଧିକ ଛାତ୍ରୀ ଓ ସେମାନଙ୍କର ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଖାଦ୍ୟମେଳାକୁ ସଫଳତାର ରୂପ ଦେଇଥିଲେ। ଗୃହବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ସବିତା ଦାସ, ଅଧ୍ୟାପିକା ଅନୁରାଧା ବେହେରା, ଅଧ୍ୟାପିକା ଲିପିକା ସାହୁ ଓ ଆରତୀ ଚୌଧୁରୀ ଏହି ମେଳାର ସମସ୍ତ ଆୟୋଜନ ଓ ପରିଚାଳନା କରିଥିଲେ।

# କର୍କଟ ରୋଗୀଙ୍କୁ ପ୍ରଧାନ ଶିକ୍ଷକଙ୍କ ସହାୟତା

କେନ୍ଦ୍ରାପଡ଼ା,୦୫/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ପଂଚାୟତର ପିକରାଳି ଗ୍ରାମର ଧରଣୀଧର ମଲିକଙ୍କ ପତ୍ନୀ କୁଲଣା ମଲିକ ପ୍ରାୟ ୧ବର୍ଷ ହେବ କର୍କଟ ରୋଗରେ ପିଡିତ ହୋଇ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ପାଇପାରୁ ନଥିବାବେଳେ ତାଙ୍କ ପରିବାର ବହୁ ଅସୁବିଧାରେ ଜୀବନ ବିତାଉଥିବା ଜାଣିବା ପରେ ପ୍ରକୃତି ବନ୍ଧୁ ପାର୍ଥ ସାରଥୀ ବେହେରା ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିବା ଜଣାପଡିଛି।

# ମାର୍ଚ୍ଚ ୭ ରୁ ୧୬ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ବଟିକା ସେବନ କାର୍ଯ୍ୟକ୍ରମ

କେନ୍ଦୁଝର,୦୫/୦୩ (ନି.ପ୍ର): କେନ୍ଦଝର ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସମୁହ ବଟିକା ସେବନ କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗଣମାଧମର ପ୍ରତିନିଧିମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଚଳିତ ମାର୍ଚ୍ଚ ୪ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡି.ଟି.ୟୁ ହଲ୍‌ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶିକା ଡାଃ ସୁଜାତାରାଣୀ ମିଶ୍ର ଗଣମାଧମର ପ୍ରତିନିଧିମାନଙ୍କୁ ବିଶଦ ସୂଚନା ପ୍ରଦାନ କରି ଏ ସଂପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଲିମ୍ଫାଟିକ ଫାଇଲେରିଆସିସ୍ ଦ୍ୱାରା ଦେଖାଦେଉଥିବା କୁପ୍ରଭାବ ଉପରେ ଆଲୋକପାତ କରି ଜନସାଧାରଣ ଏ ସଂପର୍କରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ସିଡିଏମ୍‌ଓ ଡାଃ ମିଶ୍ର କହିଥିଲେ ଯେ ସମୁହ ବଟିକା ସେବନ ପ୍ରକ୍ରିୟାରେ କୋଭିଡ-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସୁରକ୍ଷାମୂଳକ ସତର୍କତା (ହାତ ଧୋଇବା, ମାସ୍କ ପରିଧାନ ଏବଂ ଶାରୀରିକ ଦୂରତା ବଜାୟ ରଖିବା) ଅନୁପାଳନ କରାଯିବ। ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ)ଙ୍କୁ ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଇବେ। ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲାରେ ସମସ୍ତ ସହଭାଗୀ,ସ୍କୁଲ ଛାତ୍ରଛାତ୍ରୀ, ଆଇସିଡିଏସ୍ କର୍ମଚାରୀଙ୍କୁ ସଂପୃକ୍ତ କରି ଏହି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି କହିଥିଲେ। ଏଡିପିଏଚଓ (ଭିବିଡି) ଡାଃଦେବେନ ଦାସ କହିଥିଲେ ଯେ ଫାଇଲେରିଆ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଯାହା ମଶା କାମୁଡିବା ଦ୍ୱାରା ବ୍ୟାପୁଛି। ଦୀର୍ଘସୂତ୍ରୀ ଅକ୍ଷମତା ସୃଷ୍ଟିରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ ହୋଇଥାଏ। ଏହି ସଂକ୍ରମଣ ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ଯଦି ତାହାର ଚିକିତ୍ସା କରାନଯାଏ, ତେବେ ଶରୀରର ବିଭିନ୍ନ ଅଂଶରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରିଥାଏ। ଫାଇଲେରିଆରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା(ଅଙ୍ଗ ପ୍ରତ୍ୟଙ୍ଗ ଫୁଲିବା) ଏବଂ ଚାଇଲୁରିଆ (ଇଷତ୍ ଦୁଗ୍ଧ ରଙ୍ଗର ପରିସ୍ରା)ଆଦି ସମସ୍ୟାର ଶୀକାର ହୋଇଥାନ୍ତି। ଏପରି କୁପ୍ରଭାବ ଲିମ୍ଫାଟିକ ଫାଇଲେରିଆରେ ଆକ୍ରାନ୍ତ ଲୋକଙ୍କର ଜୀବିକା ଉପାର୍ଜନ,ସୁବିଧା ସୁଯୋଗ ଏବଂ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିଥାଏ ଏବଂ ଅନେକ ସମୟରେ ଏହା ସେମାନଙ୍କ ପାଇଁ ଏକ କଳଙ୍କ ହୋଇଥାଏ। ଫାଇଲେରିଆ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ରୋକାଯାଇପାରିବ। ଭାରତର ରାଷ୍ଟ୍ରୀୟ ଲିମ୍ଫାଟିକ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମର ଦୁଇ ସ୍ତମ୍ଭ ବିଶିଷ୍ଟ ରଣକୌଶଳ ରହିଛି (୧)ସାମୁହିକ ଔଷଧ ସେବନ (ଏମଡିଏ) ସଂକ୍ରମିତ ଅଂଚଳରେ ଫାଇଲେରିଆ ବ୍ୟାପିବାକୁ ରୋକିବା ନିମନ୍ତେ ଫାଇଲେରିଆ ନିରୋଧୀ ଔଷଧ(ଡିଇସି ଏବଂ ଆଲବେଣ୍ଡାଜୋଲ)ସେବନ କରିବାକୁ ଦିଆଯାଉଛି। (୨)ମୃତ୍ୟୁହାର ରୋକିବା ଏବଂ ଅକ୍ଷମତା ନିରାକରଣ(ଏମଏମଡିପି): ଲିମ୍ଫୋଡେମା ପାଇଁ ଘରେ ରହି ରୋଗୀଙ୍କର ଯତ୍ନ ଦ୍ୱାରା ମୃତ୍ୟୁହାର ରୋକିବା ଏବଂ ହାଇଡ୍ରୋସିଲ କ୍ଷେତ୍ରରେ ଅସ୍ତ୍ରୋପଚାର ଜରିଆରେ ଚିକିତ୍ସା ବ୍ୟବସ୍ଥା ରହିଛି। ଉପରୋକ୍ତ ଅଭିଯାନ ସମୟରେ ପ୍ରାୟ ୬୪୮୯ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ,୬୪୫ ଜଣ ସୁପରଭାଇଜର, ୪୨ଜଣ ଆରଆରଟିଏସ୍ ଙ୍କୁ ସମସ୍ତ ବ୍ଲକ୍‌ରେ ନିୟୋଜିତ କରାଯିବ। ଜିଲ୍ଲାରେ ମୋଟ ୧୮୫୪୭୬୨ଜଣ ହିତାଧିକାରୀ ଅଛନ୍ତି। ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ବିଶେଷକରି ପିଲାଙ୍କ ପାଇଁ ପହଂଚୁଥିବା ଅତିରିକ୍ତ ଫାଇଦା ସମ୍ପର୍କରେ ମଧ୍ୟ ସେ ପ୍ରକାଶ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର୍
ରବିବାର, ୦୬ ମାର୍ଚ୍ଚ, ୨୦୨୨
email : rabibarachayan2015@gmail.com




......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୬୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଅଦାଲତରୁ ଝାଡୁଆପଡ଼ା ଦେଇ ଫେରୁଥିବା ସମୟରେ ମୋ ଶ୍ୱଶୁର ପରିବାରର ବୃଦ୍ଧ ଗୋପାଳ ପୂଜାରୀ ମୋତେ ଦେଖି ମୋକଦ୍ଦମା କଥା ପଚାରିଲେ ଓ ମୁଁ ଖଲାସ ହୋଇଥିବା କଥା ଶୁଣିବା ମାତ୍ରକେ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଚ୍ଚ ପାଟିରେ କହିଲେ, 'କ'ଣ କଲା ଆମ୍ଭର ଏହି ପିଲାଟା ଯେ, ଏହା ପଛରେ ଏମାନେ ଏତେ ଲାଗିଛନ୍ତି ?" ଇଂରେଜ ରାଜତ୍ୱ ସମୟରେ ବହୁକାଳ ପର୍ଯ୍ୟନ୍ତ ଭାରତର ନେତୃବୃନ୍ଦ ଶାସନ ଓ ବିଚାର ବିଭାଗର ପୃଥକୀକରଣ ଦାବି କରିଆସୁଥିଲେ । ସେହି ସମୟରେ ତାହା ନହୋଇ ଭାରତର ସ୍ୱାଧୀନତାପ୍ରାପ୍ତି ଉତ୍ତାରେ ଏହାର କ୍ରିୟଦଂଶ ମାତ୍ର ହାସଲ ହୋଇଅଛି । ଶାସକ ସମ୍ପ୍ରଦାୟ ହସ୍ତରେ ବିଚାର ଭାର ନ୍ୟସ୍ତ ହୋଇଥିବା ଯୋଗୁଁ କିପରି ଶାସକଙ୍କ କବଳରେ ପଡ଼ି ଲୋକେ ବିପଦଗ୍ରସ୍ତ ହୋଇଅଛନ୍ତି ମୋର ଏହି ବନ୍ଧୁକ ସଂକ୍ରାନ୍ତ ମୋକଦ୍ଦମା ତହିଁର ନିଦର୍ଶନ । ଉଭୟ ବିଭାଗର ପୃଥକୀକରଣ ଆହୁରି କ୍ଷିପ୍ରଗତିରେ ସଂସାଧିତ ହେବା ନିତାନ୍ତ ପ୍ରୟୋଜନ, ଏଥିରେ ସନ୍ଦେହ ନାହିଁ ।

ମୋର ଛୁଟି ଶେଷ ହେବାକୁ ଆଉ ପାଞ୍ଚଦିନ ବାକି ଅଛି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାରେ ବନ୍ଧୁକର ଲାଇସେନ୍‌ସ ସକାଶେ ନିଜେ ଯାଇ ତାଙ୍କ ହସ୍ତରେ ଦରଖାସ୍ତ ଦେଲି ଓ ତତ୍‌କ୍ଷଣାତ୍ ସେ ତାହା ମଞ୍ଜୁର କରିଦେଲେ ।

ଇତିମଧ୍ୟରେ ମୁଁ ସବ୍‌ଡେପୁଟି କଲେକ୍ଟର ପଦରେ ସମ୍ବଲପୁର ଜିଲ୍ଲାସ୍ଥ ବରଗଡ଼ ସବ୍‌ଡିଭିଜନ୍‌ରେ ଅବସ୍ଥାପିତ ହୋଇଥିବା ସରକାରୀ ହୁକୁମ ପ୍ରକାଶିତ ହୋଇସାରିଥିଲା ଓ ମୁଁ ମଧ ତାହା ପାଇଥିଲି । ଡିସେମ୍ବର ତା ୨୦ରିଖ ଦିନ ବରଗଡ଼ ସବ୍‌ଡିଭିଜନାଲ୍ ଅଫିସର୍ ରାୟବାହାଦୂର ରାଧାଚରଣ ଦାସଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ସେ ଲେଖିଥିଲେ, ବଡ଼ଦିନ ଛୁଟିରେ ସମସ୍ତ ଅଫିସର୍ ଘରକୁ ଯିବେ ଓ ଛୁଟି ମଧ୍ୟରେ ସବ୍‌ଡିଭିଜନ୍‌ର ସମସ୍ତ କାର୍ଯ୍ୟଭାର ନେଇ ମୋତେ କରିବାକୁ ହେବ ବୋଲି ଡେପୁଟି କମିଶନର ହୁକୁମ ଦେଇଅଛନ୍ତି । ସୁତରାଂ ତା୨୪ରିଖ ଅପରାହ୍ନ ସୁଦ୍ଧା ମୋତେ ମୋ କାର୍ଯ୍ୟରେ ଯୋଗଦେବାକୁ ହେବ । ମୋ ଚାକିରି ସମ୍ବନ୍ଧରେ ସରକାରଙ୍କୁ ଦେଇଥିବା ଦରଖାସ୍ତର ମୀମାଂସା ସେ ପର୍ଯ୍ୟନ୍ତ ହୋଇନାହିଁ । ସବ୍‌ଡେପୁଟି ପଦରେ ମୁଁ ଯୋଗଦେଉଛି କିପରି ? ଲଜ୍ଜାରେ ମୁଁ ଅବସନ୍ନ ହେବାକୁ ଲାଗିଲି । ଲୋକଙ୍କ ଆଗରେ ମୁହଁ ଦେଖାଇବି କିପରି ? ଯେ ଯାହା ଭାବୁ, ମୁଁ ଯେ ନିରପରାଧୀ, ଏହା ମୁଁ ହୃଦୟଙ୍ଗମ କରୁଥିଲି । ଏହି ମନ ନେଇ କାମ କରିବି ବା କିପରି ? ତା ୨୪ରିଖଟା ମୋ ଛୁଟିର ଅନ୍ତର୍ଗତ । ତା୨୫ରିଖରୁ ଜାନୁଆରୀ ତା୧ରିଖ ପର୍ଯ୍ୟନ୍ତ ଅର୍ଥାତ୍ ବଡ଼ଦିନ ଛୁଟିବା ମୋ ଛୁଟି ସହିତ ମିଳିତ ହେବା ସକାଶେ ତା୨୦ରିଖ ଦିନ ଟେଲିଗ୍ରାମ ଦ୍ୱାରା ସରକାରଙ୍କୁ ଆବେଦନ କଲି । ତା ୨୪ରିଖ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରି କରି ଉତ୍ତର ଆସିଲା ନାହିଁ । ସରକାରଙ୍କ ନିୟମ ଅଲଂଘନୀୟ । ହେମେନ୍ଦ୍ର ଦାଦାଙ୍କୁ ଯାଇ ପଚାରିଲି । ମୋର ଇସ୍ତଫାପତ୍ର ଲେଖିନେଇଥିଲି । ତାହା ତାଙ୍କୁ ଦେଖାଇଲି । ଏ ମଧ୍ୟରେ ମୁଁ ପାଟଣା ଆଇନ୍ (ଲ) କଲେଜରେ ନାମ ଲେଖାଇ ସାରିଥିଲି ଓ ମୋର ପୂର୍ବପଦ ନପାଇଲେ ଜାନୁଆରୀ ମାସରେ ସେଠାରେ ଯୋଗ ଦେବାପାଇଁ ପ୍ରସ୍ତୁତ ରହିଥିଲି । ହେମେନ୍ଦ୍ର ଦାଦା କହିଲେ ଯେ, ସେହିଦିନ (୨୪ତାରିଖ) ସରକାରଙ୍କ ହୁକୁମ ଟେଲିଗ୍ରାମଦ୍ୱାରା ଆସିପାରେ । ମୋର ଦରଖାସ୍ତର ଅନ୍ତିମ ମୀମାଂସା ପର୍ଯ୍ୟନ୍ତ ସରକାରୀ ଚାକିରିରୁ ଇସ୍ତଫା ଦେବା ଉଚିତ ହେବନାହିଁନ୍ତି ଅନୁକୂଳ ମୀମାଂସା ନହେଲେ ଇସ୍ତଫା ଦେବା ତ ମୋ ହାତର କଥା । ଏ ସମସ୍ତ କାରଣ ନେଇ ବରଗଡ଼ ଯାଇ ତା ୨୪ରିଖ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ନଦେଇ ସେଠାରେ ସରକାରଙ୍କ ହୁକୁମ ଅପେକ୍ଷାରେ ବସି ରହିବା ସକାଶେ ମୋତେ ପରାମର୍ଶ ଦେଲେ ।

ତା ୨୪ରିଖ ଅପରାହ୍ନ ୨ଟା ବେଳେ ମୋ ନିଜ ମୋଟରରେ ବରଗଡ଼ ବାହାରିଲି ଓ ପ୍ରାୟ ୪ଟା ବେଳେ ସେଠାରେ ପହଞ୍ଚିଲି । ସରକାରଙ୍କଠାରୁ ମୋ ଛୁଟି ଦରଖାସ୍ତର ଉତ୍ତର ଆସିଲେ ତତ୍‌କ୍ଷଣାତ୍ ମୋତେ ଟେଲିଗ୍ରାମ ଦ୍ୱାରା ଜଣାଇଦେବାକୁ ଘରେ କହିଯାଇଥିଲି । ବରଗଡ଼ରେ ପହଞ୍ଚି ଡାକଘରେ ମୋର ଜଣେନିଜର ଲୋକ ବସାଇଦେଲି, ଟେଲିଗ୍ରାମ ଆସିଲେ ମୋତେ ଖବର ଦେବ ବୋଲି । ଡାକବଙ୍ଗଳାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବସିରହିଲି । ମୁଁ ଆସି ପହଞ୍ଚିବା ସମ୍ବାଦ ସବ୍‌ଡିଭିଜନାଲ ଅଫିସରଙ୍କଠାକୁ ପଠାଇଦେଇଥିଲି ଓ ୫ଟା ପର୍ଯ୍ୟନ୍ତ ମୁଁ କାର୍ଯ୍ୟଭାର ନେବିନାହିଁ ବୋଲି ଜଣାଇ ଦେଇଥିଲି । ଇତିମଧ୍ୟରେ ରାଧାଚରଣ ବାବୁ କେତେଥର ଆସି କାର୍ଯ୍ୟରେ ଯୋଗଦେବାକୁ ମୋତେ ଡାକିଲେଣି । ପାଞ୍ଚଟା ସୁଦ୍ଧା ଟେଲିଗ୍ରାମ ନଆସିବାରୁ ଗଭୀର ମନୋବେଦନାରେ କଚେରୀକୁ ଗଲି । ଟ୍ରେଜେରୀକୁ ଯାଇ ବିଡ଼ାଏ ନୋଟ୍ ଗଣିବାକୁ ଆରମ୍ଭ କରିଛି, ଏହି ସମୟରେ ମୁଁ ଡାକଘରେ ବସାଇ ଦେଇଥିବା ଲୋକଟି ଦୌଡ଼ିଆସି କହିଲା, ଟେଲିଗ୍ରାମ ଆସିଛି । ତତ୍‌ପର ମୁହୂର୍ତ୍ତରେ ଡାକଘର ପିଅନ ଆସି ମୋ ହାତକୁ ଟେଲିଗ୍ରାମ୍‌ଟି ବଢ଼ାଇଦେଲା, ଫିଟାଇ ଦେଲି । ଗଭର୍ଣ୍ଣମେଣ୍ଟ ମୋର ଛୁଟି ସହିତ ବଡ଼ଦିନ ଛୁଟି ମିଳାଇ ଦେଇଅଛନ୍ତି । ତତ୍‌କ୍ଷଣାତ୍ ବରଗଡ଼ ତ୍ୟାଗକରି ସମ୍ବଲପୁର ଚାଲିଆସିଲି ।

ବଡ଼ଦିନ ଛୁଟି ଭିତରେ ଗଭର୍ଣ୍ଣମେଣ୍ଟଙ୍କ ଠାରୁ ଗୋଟିଏ ଟେଲିଗ୍ରାମ ପାଇଲି । ଜାନୁୟାରୀ ୨ ତାରିଖରେ ମୋତେ କଟକ ଜିଲ୍ଲା ଯାଜପୁରରେ ଯୋଗ ଦେବାପାଇଁ ହୁକୁମ ହୋଇଅଛି । ଏହାର ଦୁଇଦିନ ପରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାରୁ ଗୋଟିଏ ପତ୍ର ପାଇଲି । ତହିଁରେ ମୁଁ ସବ୍‌ଡେପୁଟି କଲେକ୍ଟର ପଦକୁ ଅବନତ ହୋଇଥିବା ହୁକୁମ ରଦ୍ଦ ହୋଇ ମୋର ପୂର୍ବ ଡେପୁଟି କଲେକ୍ଟର ପଦରେ ସ୍ଥାପିତ ହୋଇଥିବା ହୁକୁମ ହୋଇଅଛି ।

ଫଳିତ ଜ୍ୟୋତିଷରେ ବିଶ୍ୱାସ ନକରି ରହିହେଲା ନାହିଁ । ଶ୍ରୀ ମହେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ମୋର କୋଷ୍ଠିଗଣନା କରି ଯାହା ଯାହା କହିଦେଇଥିଲେ ସେ ସମସ୍ତ ଅକ୍ଷରେ ଅକ୍ଷରେ ସତ୍ୟହେଲା । ଷଷ୍ଠାଷ୍ଟମ ଯୋଗ ପ୍ରଭାବରେ ମୋତେ କେତେ କଷ୍ଟ ଭୋଗକରିବାକୁ ହେବ, ଅନେକ ଅଭିଯୋଗର ସମ୍ମୁଖୀନ ହେବାକୁ ହେବ, କେତେ ଅପମାନ ପାଇବାକୁ ହେବ, କିନ୍ତୁ ସେ ସମସ୍ତ କଟିଯାଇ ଅନ୍ତିମରେ ସମସ୍ତ ବିଷୟରେ ଜୟଲାଭ ହେବବୋଲି ସେ କହିଥିଲେ । ତାଙ୍କରି କଥାରେ ବିଶ୍ୱାସ ହୋଇନଥିଲେ କେତେ ଦିନରୁ ମୁଁ ଇସ୍ତଫା ଦେଇସାରିଥାନ୍ତି । ମୁଁ ମୋର ପୂର୍ବପଦ ଫେରି ନପାଇଲେ ସରକାରୀ ଚାକିରି ଇସ୍ତଫା ଦେଇ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓକିଲାତି କରିବି ବୋଲି ସ୍ଥିର କରିଥିଲି । ଅନୁଗୁଳ ବିଭ୍ରାଟ ପରେ ଦାସତ୍ୱ ଶୃଙ୍ଖଳ ଛିନ୍ନ କରି ସ୍ୱାଧୀନ ଜୀବନଯାପନ କରିବାର ଏହି ଦ୍ୱିତୀୟ ପରିକଳ୍ପନା । ତାହା ଆଉ କାର୍ଯ୍ୟରେ ପରିଣତ ହେଲାନାହିଁ । ନିୟତି କାହାଦ୍ୱାରା ଆବଦ୍ଧ ନୁହେଁ ।

ଯାଜପୁର ଯାତ୍ରା ସକାଶେ ପ୍ରସ୍ତୁତ ହେଉଥିବା ସମୟ ମଧ୍ୟରେ ହଠାତ୍ ବସନ୍ତ ରୋଗରେ ଆକ୍ରାନ୍ତ ହେଲି । ରୋଗର ପ୍ରକୋପ ସାମାନ୍ୟ ହୋଇଥିଲା । ଡାକ୍ତର ସାର୍ଟିଫିକେଟ୍ ଦେଇ ମାସକର ଛୁଟିନେଇ ଘରେ ରହିଲି ।

ବଣେଇରେ ଜଞ୍ଜାଳପୂର୍ଣ୍ଣ କର୍ମମୟ ଜୀବନ ମଧ୍ୟରେ ମୁଁ କୁମାରସମ୍ଭବ ସଂସ୍କୃତ କାବ୍ୟର ଓଡ଼ିଆ ଅନୁବାଦ ସମାପ୍ତ କରି ୧୯୨୭ ମସିହାରେ ତାହା ପ୍ରକାଶ କରିଥିଲି । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।



ଭାଗ- ୩୯

### ॥ ସଂଜୁ ଆଉ ସଂଜନା ॥

୨୦୦୮ ମସିହାରୁ ପ୍ରତିବର୍ଷ ୪ଟି ଲେଖାଏଁ ଚଳଚ୍ଚିତ୍ର ମୁକ୍ତିଲାଭ କରି ଚାଲିଲା, ୨୦୦୯ରେ ୪ଟି ଓ ୨୦୧୦ରେ ମଧ ଚାରୋଟି ଚଳଚ୍ଚିତ୍ର ରିଲିଜ୍ ହେଲା । ଏତେବେଳକୁ ମୁଁ ଫୁଲ୍‌ଦମ୍‌ରେ ସ୍କ୍ରିପ୍ଟ ରାଇଟର । ଅଧିକାଂଶ ଚଳଚ୍ଚିତ୍ର ପୁଣି ଚର୍ଚ୍ଚାରେ । ଦର୍ଶକୀୟ ସ୍ୱୀକୃତି ହାସଲ କରୁଥାଏ । ୟା' ଭିତରେ ମୋର ଗୋଟିଏ ବଡ଼ ଅବସୋସ ମୁଁ ଗୀତ ଲେଖିବାଠାରୁ ଦୂରେଇ ଯାଉଥିଲି । ଅବଶ୍ୟ ପରିସ୍ଥିତି ସେଇଭଳି ଥିଲା । ପ୍ରଥମେ ପ୍ରଥମେ ଚଳଚ୍ଚିତ୍ର ନିର୍ମାଣ ସମୟରେ କାହାଣୀ, ସ୍କ୍ରିପ୍ଟ ଓ ତା'ପରେ ସଂଗୀତର କଥା ଚିନ୍ତା କରାଯାଉଥିଲା । ମାସ ମାସ ଧରି ସିଟିଂ ଚାଲୁଥିଲା । ହୋଟେଲ ଖର୍ଚ୍ଚ ଅନ୍ୟାନ୍ୟ ଖର୍ଚ୍ଚ ମଧ ବଢ଼ି ଚାଲୁଥିଲା । ଏ ପରଂପରାକୁ ଭାଂଗି ଦେଲେ କେତେକ ଯୁବ ନିର୍ଦ୍ଦେଶକ ଓ ପ୍ରଯୋଜକ । ପ୍ରଥମେ କାହାଣୀ ନିର୍ବାଚନ, ପରେ ଓ୍ୱାନ୍ ଲାଇନ୍ କାହାଣୀ ପରିକଳ୍ପନା ଓ ତହିଁରୁ ଗୀତର ସିକ୍ୟୁଏନ୍ସ ବାହାର କରି ଗୀତ ସିଟିଂ । ତେଣୁ ସ୍କ୍ରିପ୍ଟ ଶେଷ ନହେଉଣୁ ଗୀତ ରେକର୍ଡିଂ ଶେଷ । ପ୍ରଥମରୁ କହି ରଖିଛି ଗୀତ ମୋର ପ୍ରାଣ । ଗୀତରେ କମ୍ପୋମାଇଜ କରିବାଟା ମୁଁ ପସନ୍ଦ କରିପାରେନି । ସ୍କ୍ରିପ୍ଟରେ ବ୍ୟସ୍ତ ରହି ତେଣୁ ମତେ ବାଧ ହୋଇ ଗୀତ କଥା ଭୁଲିବାକୁ ପଡୁଥିଲା । ତା' ପରେ ସ୍ୱଭାବତଃ ମୁଁ ଟିକେ ଆତ୍ମ ଅଭିମାନୀ, ଏତେ ଭଲ ଗୀତ ଲେଖି ଯଦି ନିର୍ଦ୍ଦେଶକ ଓ ସଂଗୀତ ନିର୍ଦ୍ଦେଶକ ମତେ ଗୀତ ଲେଖିବାକୁ ଆମନ୍ତ୍ରଣ ନକରନ୍ତି ତାହାଲେ ମୁଁ ଚୁପ୍ ରହିଯାଏ । ତେବେ ଏ ସମୟରେ ଅନେକ ପୁରୁଣା ସଂଗୀତ ନିର୍ଦ୍ଦେଶକଙ୍କ ଜମାନା ଶେଷ ପ୍ରାୟ । ନୂଆ ସଂଗୀତ ନିର୍ଦ୍ଦେଶମାନଙ୍କର ଚାହିଦା । ଟ୍ରେଣ୍ଡି ମ୍ୟୁଜିକ ବିଶେଷତଃ ବ୍ୟାଣ୍ଡପାର୍ଟିରେ ବାଜିବା ଭଳି ଗୀତ ପ୍ରସ୍ତୁତ କରିବା ଏ ମାନଙ୍କର ଏକମାତ୍ର ଲକ୍ଷ୍ୟ ।

ତେବେ ସେ ଯାହାହେଉ ମୁଁ ସଂଳାପ / ସ୍କ୍ରିପ୍ଟ ଲେଖାରେ ସଂପୂର୍ଣ୍ଣ ଭାବରେ ମନୋନିବେଶ କରିଥାଏ ।

୨୦୧୦ ମସିହାରେ ବଂଧୁ ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଆମ ବସ୍‌ଷ୍ଟାଣ୍ଡ ଖଟିରେ ପ୍ରଯୋଜକ ବଂଧୁ ଲୁଟୁ ମହାନ୍ତିଙ୍କ ସହ ପରିଚୟ କରାଇଦେଲେ । ପ୍ରଶାନ୍ତ ବାବୁ ଲୁଟୁ ବାବୁଙ୍କ ଆଗରୁ କେତୋଟି ଆଲ୍‌ବମ୍ ପ୍ରସ୍ତୁତ କରିଥାନ୍ତି । ପ୍ରଶାନ୍ତ ବାବୁଙ୍କର କନ୍‌ଭିନ୍‌ସିଂ କାପାସିଟି ବହୁତ । ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ନିମନ୍ତେ ଲୁଟୁବାବୁ ମନସ୍ଥ କଲେ । ଏମିତି ସେମିତି ନୁହେଁ ବରଂ ଦମ୍‌ଦାର୍ ଚିତ୍ରଟିଏ ପ୍ରସ୍ତୁତ ହେବ । ସେଥିପାଇଁ ଅଶୋକ ପତିଙ୍କୁ ନିର୍ଦ୍ଦେଶକ ଭାବରେ ନିଆଯିବାର ନିଷ୍ପତ୍ତି ହେଲା । ପୂର୍ବରୁ କହିଛି, ଅଶୋକ ପତି, ପ୍ରଶାନ୍ତ ପାଢ଼ୀ ଓ ମୋର କେମେଷ୍ଟ୍ରି ସଫଳ ବୋଲି ପ୍ରମାଣିତ ହୋଇ ସାରିଥାଏ । କାହାଣୀ ନିର୍ବାଚନ ହେଲା । ଏକ ଦକ୍ଷିଣ କାହାଣୀକୁ ନିର୍ବାଚିତ କରାଗଲା । ଭିନ୍ନ ଧରଣର ଲଭ୍ ଷ୍ଟୋରି । କାହାଣୀର ରାଇଟ ଆଣିବା ପାଇଁ ପ୍ରଶାନ୍ତ ବାବୁ ମାଡ୍ରାସ ଗଲେ । ଚଳଚ୍ଚିତ୍ରଟି ଦକ୍ଷିଣରେ ହିଟ୍ ଚଳଚ୍ଚିତ୍ରର ମାନ୍ୟତା ପାଇଥାଏ ।

ଆମେ ସ୍କ୍ରିପ୍ଟରେ ବସିଲୁ । ନାୟକ ବାବୁସାନ୍ ଓ ନାୟିକା ସୁଦେଷ୍ଣାଙ୍କୁ ଚୁକ୍ତିବଦ୍ଧ କରାଗଲା । ଅନ୍ୟାନ୍ୟଙ୍କ ମଧ୍ୟରେ ମିହିର ଦାସ, ଅପରାଜିତା ମହାନ୍ତି, ସମରେଶ, ପିଣ୍ଟୁନନ୍ଦ, ଚକ୍ରଧର ଜେନା ଆଦି ଓଡ଼ିଶାର ବହୁ କଳାକାର ଅଭିନୟ କରିଥିଲେ । ପପୁ ପମ୍‌ପମ୍, ବୁଙ୍ଗା ଓ ଜୀବନ ପଣ୍ଡା ପ୍ରମୁଖ ହାସ୍ୟ କଳାକାର ଭାବରେ ଅଭିନୟ କରିଥିଲେ । ଜୀବନ ପଣ୍ଡାଙ୍କୁ ଶେଷ ମୁହୂର୍ତ୍ତରେ କାଷ୍ଟିଂ କରାଯାଇଥିଲା । ତେବେ କୌଣସି ନିର୍ଦ୍ଦିଷ୍ଟ ଚରିତ୍ର ତାଙ୍କ ପାଇଁ ନଥିଲା । ବାବୁସାନଙ୍କ ବଂଧୁ ହିସାବରେ ସେ ଅଭିନୟ କଲେ । ତାଙ୍କ ପାଇଁ କେବଳ ମୁଁ ଗୋଟିଏ ସଂଳାପ ଲେଖିଥିଲି ତାହା ହେଲା, 'ତାହାଲେ ବର୍ତ୍ତମାନ ଆମର ପୋଜିସନ୍‌ଟା କ'ଣ,' ବାରମ୍ବାର ଏ ସଂଳାପଟିକୁ ସେ ବ୍ୟବହାର କରୁଛନ୍ତି ଓ ଏମିତି ଭିନ୍ନ ଭିନ୍ନ ତରିକାରେ ଉପସ୍ଥାପନ କରିଥିଲେ ଯେ' ହାସ୍ୟରୋଳ ସୃଷ୍ଟି ହୋଇଥିଲା ଓ ମୋର ମନେଅଛି 'ସଂଜୁ ସଂଜନା' ପାଇଁ ୨୦୧୦ର ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବରେ ଜୀବନ ପଣ୍ଡା ପୁରସ୍କୃତ ହୋଇଥିଲେ । ମିହିର ଦାସ ମଧ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଗୋଟେ ଜିଦ୍‌ଖୋର ବାପର ଜିଦ୍ ଓ ଝିଅର ପ୍ରେମକୁ ନେଇ କାହାଣୀ ଗତିଶୀଳ ଥିଲା । ବାବୁସାନ୍ ଓ ନାୟିକା କମାଲ୍ ଅଭିନୟ କରିଥିଲେ । ସୀତାଂଶୁ ମହାପାତ୍ର କ୍ୟାମେରା ଓ ସଂପାଦନା ସୁକୁମାର ମଣି କରିଥିଲେ । ସୁଧାକର ବସନ୍ତ ଚମତ୍କାର କୋରିଓଗ୍ରାଫି କରିଥିଲେ । ଚଳଚ୍ଚିତ୍ରଟିର ଅନ୍ୟତମ ଆକର୍ଷଣ ଥିଲା ଏହାର ସଂଗୀତ । ପ୍ରଶାନ୍ତ ବାବୁ ମନଧ୍ୟାନ ଦେଇ ସଂଗୀତ କମ୍ପୋଜ୍ କରିଥିଲେ । ସବୁଗୁଡ଼ିକ ଗୀତ ହିଟ୍ ପର୍ଯ୍ୟାୟଭୁକ୍ତ ହୋଇଥିଲା । ଅନେକ ଦିନଧରି ଚଳଚ୍ଚିତ୍ରଟି ପ୍ରେକ୍ଷାଳୟମାନଙ୍କରେ ଚାଲିଥିଲା । ଅଶୋକ ପତିଙ୍କ ନିର୍ଦ୍ଦେଶିତ ପ୍ରାୟ ପ୍ରତ୍ୟେକ ଚଳଚ୍ଚିତ୍ର ପ୍ରଥମେ ଭୁବନେଶ୍ୱର ମହାରଜାରେ ପ୍ରିମିୟର ହୁଏ । 'ସଂଜୁ ଆଉ ସଂଜନା'ର ମଧ ପ୍ରିମିୟର ମହାରଜା ହଲ୍‌ରେ ହୋଇଥିଲା । ଚଳଚ୍ଚିତ୍ରଟି ଦେଖି ସାରିବା ପରେ ଅନେକ ଶୁଭେଚ୍ଛା ମତେ ମିଳିଥିଲା ।

ପ୍ରାୟତଃ ପ୍ରିମିୟରକୁ ମୁଁ ଏକାଯାଏ । ପରବର୍ତ୍ତୀର ସମୟରେ ପରିବାର ନେଇ ଟିକେଟ୍ କାଟି ସିନେମା ଦେଖେ । ଏଇଟା ମୋର ଅଭ୍ୟାସ । ତେବେ ୨ୟ ସପ୍ତାହରେ ପରିବାର ନେଇ ମତେ ହଲ୍ ପାଖରୁ ନିରାଶ ହେବାକୁ ପଡ଼ିଲା । ପତ୍ନୀ ଓ ପିଲାମାନଙ୍କ ଠାରୁ ଗାଳି ଶୁଣିବାକୁ ପଡ଼ିଥିଲା । ଆମେ ସେଦିନ ବ୍ଲାକ୍‌ରେ ଟିକେଟ୍ କରି ଫିଲ୍ମଟିକୁ ଦେଖିଥିଲୁ । ସେଇ ଥିଲା ମୋର ଚରମ ଖୁସି । ସତରେ ନିଜ ଫିଲ୍ମକୁ ବ୍ଲାକ୍‌ରେ ଦେଖିବାର ସୁଯୋଗ କେତେଜଣଙ୍କୁ ମିଳେ !

ଆମେ ସମସ୍ତେ ଉତ୍‌ଫୁଲ୍ଲିତ ଥିଲୁ ସଫଳତାରେ । କିନ୍ତୁ ଚଳଚ୍ଚିତ୍ର ନିର୍ମାଣରେ ଅଧିକ ଖର୍ଚ୍ଚ ହୋଇଥିଲା । ନରଣଗଡ଼ ଶ୍ରୀନିବାସ ପାଇକରାୟଙ୍କ ଘରେ ବହୁଦିନ ସୁଟିଂ ଚାଲିଥିଲା । କିଛି ବର୍ଷ ପରେ ସେହି କାହାଣୀକୁ ନେଇ ବଲିଉଡ୍‌ରେ ନିର୍ମିତ ହେଲା ହିନ୍ଦୀ 'ହିରୋ ପନ୍ଥୀ', ଟାଇଗର ସରାଫ୍ ଅଭିନୟ କରିଥିଲେ । ମାତ୍ର ଚଳଚ୍ଚିତ୍ରଟି 'ସଂଜୁ ସଂଜନା' ଠାରୁ ଭଲ ହୋଇ ପାରିନଥିଲା । ସିନେମା ହଲ୍‌ରେ ଲୋକମାନଙ୍କର ଚିହ୍ନାର 'ସଂଜୁ ଆଉ ସଂଜନା' ଖୁବ୍ ଖୁସି ଲାଗୁଥିଲା । ସେ ବର୍ଷ ତରଙ୍ଗ ସିନେ ଆୱାର୍ଡରେ 'ସଂଜୁ ଆଉ ସଂଜନା'କୁ ଶ୍ରେଷ୍ଠ ଚଳଚ୍ଚିତ୍ରର ମାନ୍ୟତା ମିଳିଲା । ମୁଁ ମଧ ଅନେକ ଅନୁଷ୍ଠାନରୁ ପୁରସ୍କାର ପାଇଥିଲି । (କ୍ରମଶଃ)

## କବିତା..... ଆମ ସମୟର

### ଜୟନ୍ତୀ ବିଶ୍ୱାଳ ବେହୁରିଆ

### ॥ ମୃତ୍ୟୁ ଗୋଟେ ଦେଶାନ୍ତରୀ ସ୍ୱପ୍ନର ॥



ମୋ ମୃତ୍ୟୁରେ
ମୋ ଦେଶ କାନ୍ଦିନି ଆଜି,
ବରଂ ଆରୋପ ଲଗେଇଛି
ମୋ' ଦେଶ ପ୍ରେମ ଉପରେ,
ପ୍ରଶ୍ନ କରିଛି,
ମୋ'ର ଉଚ୍ଚ ଉଡାଣକୁ...!
ଆଉ ଏମିତି କହିଛି,
ମୋ ମୃତ୍ୟୁ ପାଇଁ
ଏ ଦେଶ ନୁହେଁ, ଦାୟୀ ମୁଁ ନିଜେ !
ଏବେ କାନ୍ଦିବାର ପାଳି
ସେଇ ନିର୍ବୋଧ ବାପା/ମାଆଙ୍କର !
ଯେଉଁମାନେ ମୋତେ
ପଠାଇଥିଲେ, ଏ ଦେଶ ଛାଡି
ଅନ୍ୟ ଗୋଟେ ଦେଶକୁ
ସ୍ୱପ୍ନ ଯୋଗାଡିବାକୁ ।

ଯେଉଁମାନେ ଗୋଟି ଗୋଟି କରି
ପଇସା ଗଣି ରଖୁଥିଲେ
ପୁଅକୁ ଡାକ୍ତର କରିବା ନିଶାରେ ।

ଏ ଦେଶର ମେଡିକାଲ୍ କଲେଜ୍
ଯେତେବେଳେ ମୋତେ
ଅଯୋଗ୍ୟ ଘୋଷଣା କରିଦେଲା
ଯେତେବେଳେ ମୋ'
ମଧ୍ୟବିତ୍ତ ବାପାର ଜୀବନସାରାର
ରୋଜଗାର କମ୍ ପଡିଗଲା
ଏ ଦେଶର ମେଡିକାଲ କଲେଜ୍‌ର
ଗେଟ୍ ପାରି ହେବାକୁ,
ସେତେବେଳେ ହିଁ, ମୁଁ ଯାଇଥିଲି,
ଗୋଟେ ଛୋଟିଆ ଦେଶର
ଛୋଟ କଲେଜ୍‌କୁ ।

ତୁମ ମାନଙ୍କ ହିଂସାରେ
ଆଜି ଯଦି ମୁଁ ବଳି ପଡି ନଥାନ୍ତି
କାଲି ହୁଏତ ଲକ୍ଷେରାତି ଅନିଦ୍ରା
ରହି ପାରିଥାନ୍ତି
ତୁମ ଜୀବନ ବଂଚାଇବାରେ...!

ମୋର ଝାଳ ଓ ପରିଶ୍ରମ ବଦଳରେ
ତୁମକୁ ଦେଇଥାନ୍ତି
ସୁସ୍ଥ ଜୀବନ ଓ ଅଫୁରନ୍ତ ଆନନ୍ଦ
ହସିବାର ଦୀର୍ଘ ଅବସର ।

ମୁଁ ଦେଇଥାନ୍ତି,
ଯଦି ବଂଚି ପାରିଥାନ୍ତି ।

ତୁମର ମେରୁଦଣ୍ଡକୁ
ସଳଖ କରିବାରେ ପିଠିଟିଏ
ମୁଁ ହେଇ ପାରିଥାନ୍ତି ନିଶ୍ଚୟ,
ହୁଏତ ନିରୋଗ ଦେଶଟିଏ
ଟେକି ଦେଇଥାନ୍ତି ତୁମ ହାତକୁ
ବିନା ଦ୍ୱିଧାରେ...

ଏ ଦେଶରୁ ଅନ୍ଧାର
ହଟେଇବାରେ ତୁମେ ହୁଏତ
ମୋର ସହଯୋଗ ଲୋଡିଥାନ୍ତ
କୌଣସି ଦିନ,
ଗୋଟେ ଆଲୁଅଭରା
ସକାଳକୁ ମୁହିଁ ଡାକି ଆଣିଥାନ୍ତି
ତୁମ ପାଇଁ... ..

ଯଦି ବଂଚି ପାରିଥାନ୍ତି .. . !

♥ କୃଷ୍ଣ ନଗର (ସମଲ ପୁର)
ପୋ: ବାଲିଆ,ଜି : ବାଲେଶ୍ୱର
ମୋ: ୮୯୮୪୬୪୨୫୦୩

### ॥ ଅଭିପ୍ରେତ ଅନ୍ଧାର ॥

### ମହାଦେବ ପ୍ରଧାନ



କେବେ କେବେ
ଦର୍ପଣ ଆଗରେ ଛିଡ଼ା ହେଲେ
ମତେ ଲାଗେ ମୁଁ ଯେମିତି ଦୀର୍ଘତମ ରାତି..

ଅସମ୍ଭବ ଅନ୍ଧକାରରେ
ଗଢ଼ା ହେଇଛି ଅବୟବ,
ଅଜ୍ଞତା, ଅସାମର୍ଥ୍ୟ ଭିତରେ
ଛନ୍ଦାଛନ୍ଦି ଶିରାସ୍ନାୟୁ
ଜଡ଼ତ୍ୱ ହିଁ ମୋ ପରିଚୟ
ମୁଁ ଯେମିତି ଲମ୍ବି ଯାଇଛି ଦିଗରୁ ଦିଗନ୍ତ
ଅସହାୟ ଦୀର୍ଘଶ୍ୱାସ ପରି..

ମୋ ଭିତରେ ଅପ୍ରମିତ କୋଳାହଳ
ଅପ୍ରମିତ ନୀରବତା
ହିମକଣାର ଅସରନ୍ତି ଥଣ୍ଡାପଣ ଓ ମନ ତଳେ
ଅସଂଖ୍ୟ ନକ୍ଷତ୍ରଙ୍କ ଭଙ୍ଗାତୁଟା !

ନିଶ୍ୱାସରେ ଏତେ ଏତେ ଭୟ,
ଭ୍ରାନ୍ତି ମୋ' ଉଚ୍ଚାରିତ ଧ୍ୱନି
ଅନ୍ଧାର ଆକାଶ ପରି ଅସ୍ୱଷ୍ଟ ଓ ଫାଙ୍କା..

ଅଥଚ ଏ ରାତି
ମୋ ପାଇଁ ମୋହନୀୟ ନୁହେଁକି ?

ଜାଣିଛି
ଅନ୍ଧାରର ପରମ ଅଭୀପ୍ସା ଭିତରେ
ରାତିର ଘନତ୍ୱ ଶୀର୍ଷବିନ୍ଦୁ ଛୁଇଁଗଲା ପରେ
ତମେ ଯେ ଉଭାସିବ ଅରୁଣିତ ଆକାଶଟେ ପରି
ସକଳ ବିଭ୍ରାନ୍ତି ଚିରିଚାରି
ଅନ୍ଧାରର ପ୍ରସୂତି ଗର୍ଭରୁ
ଅବା ମୋ ଶିରା ସ୍ନାୟୁ ଅସ୍ଥି ଉପାସ୍ଥି ମଞ୍ଜରୁ
ତମେ ସାକାର କରୁଣା ଉଇଁବ..

ଜାଣେ, ତମ ରକ୍ତିମ ଚରଣ ବାଜି
ମୋ ଭିତରେ ମୂର୍ଖତାର ଜଡ଼ତାର
ସିନ୍ଦୁରା ଫାଟିବ
ସେ ଆଶାରେ ନିଜକୁ ବିଛେଇ ଦିଏ
ଅନ୍ଧାରକୁ ଜାକିଧରେ
କୁହୁଡି କାକର ସହି
କଅଁଳ ପଦ୍ମପତ୍ର ପରି
ତମ ଆସିବା ବାଟ ଯାଏ ଲମ୍ବି ଲମ୍ବି ଯାଏ..

♥ ଗାରୋଇ, ନାଉଗାଁ, ଜଗତସିଂହପୁର
(ମୋ) ୮୨୪୯୫୧୬୭୬୫.

### ଅନ୍ନପୂର୍ଣ୍ଣା ମହାନ୍ତି

### ॥ କାଳଚକ୍ର ॥



ଗହଳିରେ ଥିଲେ ବି'
ଏକା ଲାଗେ ଭାରି
ମିଶି ହୁଏନା
ମିଶାଇ ହୁଏନା
କାହାସ' ନିଜକୁ ।

ନିର୍ବେଦ ବାଲୁବନ୍ତ ଯେମିତି
ସ୍ଥିର ଅଥର୍ବ !
ସିଢ଼ି ଚଢ଼ା ହେଉ କି
ପାହାଡ଼ ଚଢ଼ା
ନଦୀ ପହଁରା କି
ଲହଡ଼ି ଭଂଗା
କେହି ନଥାଏ ଉଠାଇ ନେବାକୁ
ହାତ ଧରି ଉପରକୁ ।

ଏଇତ ଜୀବନ
କେବେ ଚଳଚଞ୍ଚଳ ଧାବମାନ
କେବେ ନିର୍ବାକ୍ ମ୍ରିୟମାନ
ସହିବାକୁ, ଢୋକିବାକୁ ହୁଏ
ସମୟର ପ୍ରତାରଣା ନା
ନୀରବ ଧିକ୍କାର ଅସହାୟପଣର ।
ସୁନ୍ଦର ଆବରଣ ତଳେ
ଛଳନାର ଛନ୍ଦାୟିତ ବନ୍ଧୁତ୍ୱ
ଲହଲହ ଲୋଭର ଲାଳସା
ବେଶ୍ ଧରି ହୋଇଯାଏ
ବିଳମ୍ବ ହେଲେ ବି ।

କ୍ଷଣ ଭଂଗୁର ଅଢ଼େଇ ଦିନର
ଜୀବନକୁ
ଏତେ ସବୁ ଲୁଚୁକାଳି
ବଦଳି ଯାଏ ସଂଜ୍ଞା ବି'
ସମୟ ଦାୟରେ !
ଥାପୁଡ଼େଇ ଶୁଆଇବାକୁ ପଡ଼େ
ଇଚ୍ଛା, ଅଭୀପ୍ସା, ସ୍ୱପ୍ନର ଲମ୍ବାରାତି
ଟକମକ ଫୁଟୁଥିବା କଥା
ଢୋକି ଦେବାକୁ ପଡ଼େ
ତଣ୍ଟି ଭିତରକୁ ।
ତଥାପି ଜୀବନ ଚକ
ଗଡ଼ିବା ପ୍ରକ୍ରିୟାରେ ଥାଏ
ଅଟକିବା ଯାଏ ।

♥ ମାଧପୁର, କେନ୍ଦ୍ରାପଡ଼ା-୭୫୪୨୧୧
ମୋ: ୯୪୩୮୮୦୫୩୪୪

### ଶ୍ରୀ ବିଦ୍ୟାଧର ସେଠୀ

### ॥ ବତିଖୁଣ୍ଟ ॥



ତାଳରୁ ତଳିପା ଯାଏ ସାଢ଼େ ତିନିହାତ
ହାଡ଼ମାଂସ ରକ୍ତରେ ଯେଉଁଠି ଆଙ୍କିଛି ମୁଁ
ପାହାଡ଼ ପର୍ବତ ଝରଣା ପୁଣି ଅରଣ୍ୟର ଚିତ୍ର
ସେଇଟା ମୋ' ଦେହ, ବିଶ୍ୱ ମାନଚିତ୍ର ।

ସାରୁପତ୍ରରେ ଢ଼ଳଢ଼ଳ ଜଳବିନ୍ଦୁ ପରି
ଏ ଜୀବନ ଯୁଦ୍ଧରେ
ବାରମ୍ବାର ହାରି ବି ଜିଇବା
ଗୋଟେ ଖୁସି ।

ଝଡ଼ ଆସେ ପୁଣି ଥମିଯାଏ
ଝଡ଼ର ପ୍ରଚଣ୍ଡ ତୀବ୍ରତାକୁ ସହିବାକୁ ହୁଏ
ଅସୁମାରି ଯନ୍ତ୍ରଣାକୁ ଲୁହକରି ପିଇବାକୁ ହୁଏ
ଢାଲୁ ପରି ବଧିରା ପିଠିରେ
ଦୁଃଖ କ୍ଲେଶ ଯେତେ ଲିପିବଦ୍ଧ ବୋଲି ତ
ମୁଁ ନିଜେ ଏକ ଶିଳାଲେଖ ।

ରକ୍ତ ରଞ୍ଜିତ ଇତିହାସର ପୁରୁଣା ପୃଷ୍ଠାରୁ
ମୁଁ ଶୁଣିଛି ଘୋଡ଼ା ଟାପୁର ଶବ୍ଦ
ତଲୁଆର ଠୁଁ ଏଟମ୍‌ବମ୍ ଯାଏ
କେତେ ଯୁଦ୍ଧ କେତେ ରକ୍ତପାତ
ଜୈବିକ ଅସ୍ତ୍ର ବି ସାଂଘାତିକ ଏବେ
କିଏ ଜାଣେ ଏ ପ୍ରବଞ୍ଚନା ଆଉ
କେତେ ଦିନ... ?

ମୁଁ ନିର୍ଜୀବ ପଥର ତଥାପି ଜୀବନ୍ତ
ଦେହରେ ମୋ ଟକ୍‌ମକ୍ ରକ୍ତ
ଆଲୋକର ସନ୍ଧାନ ଏକମାତ୍ର ଲକ୍ଷ୍ୟ
ଉଠାଣି ଗଡ଼ାଣି ନିର୍ଜନ ରାସ୍ତାରେ
ଚାଲିଚାଲି ମୁଁ କ୍ଳାନ୍ତ ଓ ନିସ୍ତେଜ
ଯେମିତି ପ୍ଲାଟଫର୍ମର ଶେଷମୁଣ୍ଡରେ
ଧପ୍ ଧପ୍ ଜଳୁଥିବା ବତିଖୁଣ୍ଟ ।

♥ ବ୍ୟକ୍ତିଗତ ସହାୟକ
ଜିଲ୍ଲା ପରିଷଦ କାର୍ଯ୍ୟାଳୟ
ବାଲେଶ୍ୱର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୦୬ ମାର୍ଚ୍ଚ, ୨୦୨୨



## ପ୍ରେମରେ ପ୍ରେମରେ ଗୀତି ....(୩୭)




### ॥ ଲୁହ ଓ ଲହୁର ଗୀତି ॥

ପାନ୍ଥଶାଳା କେବେ ମନେ କି ରଖିଛି
କେଉଁ ଅତିଥିର ସ୍ମୃତି
ପ୍ରଥମ ରାତିର ଅଭୁଲା ସାଥୀର
ଲୁହ ଓ ଲହୁର ଗୀତି ।

ରାତିର ନିଶ୍ୱାସେ ପ୍ରଚଣ୍ଡ ବିଶ୍ୱାସେ
କେମିତି ସାଥୀ ତା' ମନ,
ବାଢୁଅ ରାତିକୁ ସଅଁପି ଦେଇଛି
କୁଆଁରୀର ଗୁପ୍ତଧନ,
ରାତି ଶେଷେ ବସି ଗଣୁଛି ଶାମୁକା
ବାହୁନି ଖୋଜୁଛି ମୋତି ।

ଛଳନାର କିଏ ସ୍ମୃତିର ଖୋଳପା
ଅଜାଣେ ଯାଇଛି ଛାଡ଼ି,
କିଏ ଶୁଣେଇଛି ମିଛ ଇତିହାସ
ପୃଷ୍ଠା ପରେ ପୃଷ୍ଠା ପଢ଼ି,
କେମିତି ବୁଝିବ ପାନ୍ଥଶାଳା କା'ର
କେତେ ଯେ ନିବିଡ଼ ପ୍ରୀତି ।

■ ବିପିନ ମହାନ୍ତି
♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୯୯୧




## ■ ଚେତନାର ଚୌହଦୀ ■

# ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷାର ଗୁରୁତ୍ୱ

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୂର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରାଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୂଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଚ୍ଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ। ଆଧୁନିକ ମନୁଷ୍ୟ ସୁଖ ସ୍ୱାଚ୍ଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ। ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ। ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି। ପୂର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୂର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି। ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି। ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।



ଆଲେଖ୍ୟ – ପ୍ରଦୀପ୍ତ ଆଚାର୍ଯ୍ୟ
ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୨୬
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ , ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ସେ ଉପଲବ୍ଧି କରୁଥିଲା ଯେ ଇମିତି କେତେଦିନ କେତେମାସ କେତେବର୍ଷ ଆନ୍ଦୋଳନ ଚାଲିଥିବ ମାତ୍ର ଫଳ କିଛି ହେବ ନାହିଁ ।

ଯେତେ ଆନ୍ଦୋଳନ, ସତ୍ୟାଗ୍ରହ କଲେ ବି ସରକାରଙ୍କର ନିଦ ଭାଙ୍ଗିବ ନାହିଁ । ଦୁର୍ନୀତି ବିରୋଧୀ ଆନ୍ଦୋଳନ ଧିରେ ଧିରେ ବଢିଚାଲିଥିଲା ହେଲେ କୌଣସି ସମାଧାନର ବାଟ ଦିଶୁନଥିଲା । ଦିନ ପରେ ଦିନ ମାସ ବିତିବାକୁ ଲାଗିଲା ମାତ୍ର ଆନ୍ଦୋଳନ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁ ନଥିଲା ।

ଏହିଭଳି ଆନ୍ଦୋଳନର ଗତିବିଧିକୁ ଦେଖି ଅଭିଷେକ ଭାବୁଥିଲା ସମ୍ବିଧାନର ଗଣ୍ଡି ମଧ୍ୟରେ ନିର୍ବାଚନକୁ ଆୟୁଧ କରି ଏକ ପରିବର୍ତ୍ତନ ସୃଷ୍ଟି କରାଯାଇପାରିବ । ପ୍ରତ୍ୟେକ ଦୁର୍ନୀତି ବିରୋଧୀ କର୍ମୀ ନିର୍ବାଚନରେ ଭାଗ ନେଲେ ଓ ଚରିତ୍ରବାନ ବ୍ୟକ୍ତି ନିର୍ବାଚିତ ହୋଇ ଆସିଲେ ଏ ଦେଶର ସମ୍ବିଧାନ ଓ ବିଧି ବ୍ୟବସ୍ଥାର ପରିବର୍ତ୍ତନ ଆସିବ । ଏହି ବାସ୍ତବ ସତ୍ୟକୁ ଭଲ ଭାବେ ଉପଲବ୍ଧି କରୁଥିଲେ ବହୁ ଦୁର୍ନୀତି ବିରୋଧି କର୍ମୀ ଆଉ ସେ ମଧ ।

ମାତ୍ର ଶେଖରସାର୍ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେବା ପାଇଁ ସହମତି ପ୍ରକାଶ କରୁନଥିଲେ। ସିଏ କହୁଥିଲେ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେଇ ନିର୍ବାଚିତ ହେଲା ପରେ ଲୋକପ୍ରତିନିଧି ମାନେ ଦୁର୍ନୀତିଗ୍ରସ୍ତ ହୋଇ ପଡ଼ନ୍ତି । ଇଚ୍ଛା ନଥିଲେ ବି ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ସେମାନେ ଦୁର୍ନୀତିର ପ୍ରଶ୍ରୟ ନେବେ । ସେମାନଙ୍କ ନିକଟରୁ ଦେଶପ୍ରେମ ଓ ସ୍ୱଚ୍ଛ ଶାସନ ଆଶା କରିବା ବୃଥା । ନିର୍ବାଚନରେ ଭାଗନେବାକୁ ବିରୋଧ କରି ଶେଖରସାର୍ ଏକ ଦୁର୍ନୀତି ବିରୋଧୀ ସଙ୍ଗଠନ ତିଆରି କରିଥିଲେ । ଏହା କେବଳ ଦୁର୍ନୀତି ବିରୁଦ୍ଧରେ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଘୋଷଣା କରିଥିଲା । ଲୋକଙ୍କୁ ଦୁର୍ନୀତି ବିରୁଦ୍ଧରେ ସଚେତନ କରିବା, ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା, ସୂଚନା ଅଧିକାର ଆଇନକୁ ଶକ୍ତ କରିବା ସହ ନିର୍ବାଚନରେ ବହୁ ସଂସ୍କାର ଆଣିବା ଏହି ସଂଗଠନର ମୁଖ୍ୟ ଭୂମିକା ହେବ । ଆଗାମୀ ଦିନରେ ଦେଶବ୍ୟାପୀ ଏହି ଆନ୍ଦୋଳନକୁ ତୀବ୍ର କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେ ଆହୁରି କହିଥିଲେ ଯେ ଲୋକଙ୍କ ଭିତରେ ନୈତିକ ମୂଲବୋଧ ବଢ଼ାଇବା ହିଁ ଏହି ସଙ୍ଗଠନର ପ୍ରମୁଖ କାର୍ଯ୍ୟ । ପ୍ରତ୍ୟକ୍ଷ ନିର୍ବାଚନକୁ ସେ ପସନ୍ଦ କରିନଥିଲେ । ନିର୍ବାଚନକୁ ସାମ୍ନା କରିବାର ମାନସିକତା ତାଙ୍କର ନଥିଲା । ମାତ୍ର ଅଭିଷେକକୁ ତାଙ୍କର ଏ ଦର୍ଶନ ଗ୍ରହଣଯୋଗ୍ୟ ଲାଗିନଥିଲା । ତା' ପରି ଅନେକ କର୍ମୀ ବି ଏ ପ୍ରକାର ମତକୁ ନାପସନ୍ଦ କରୁଥିଲେ । ସେମାନେ କହୁଥିଲେ ଏହିଭଳି ଆନ୍ଦୋଳନ ଲୋକଙ୍କ ଭିତରେ ବେଶିଦିନ ତିଷ୍ଠିପାରିବନାହିଁ । ଏମିତି ଆନ୍ଦୋଳନ ତ କେତେ ଦିନ ଚାଲିଲାଣି, ସରକାର କେବଳ ଦୁର୍ନୀତିମୁକ୍ତ ଯୋଜନାର ପ୍ରତିଶ୍ରୁତି ଦେଇ ଚାଲିଛନ୍ତି । ଏମିତି ମିଛି ପ୍ରତିଶ୍ରୁତିରେ କଣ ପେଟ ପୂରିବ ? ପ୍ରତିଶ୍ରୁତି କୋଉଦିନ ଲୋକଙ୍କ କାମରେ ଆସିଛି ନା ଆସିବ ! ଏଣୁ ଏବେ ଆମେ ସାଧାରଣ ଜନତାଙ୍କ ପାଖକୁ ଯିବୁ । ସିଧାସଳଖ ସେମାନଙ୍କୁ ବୁଝାଇବୁ । ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେଇ ଏହି ଦେଶର ଅବ୍ୟବସ୍ଥାକୁ ସୁଧାରିବୁ ।

ଶେଖର ସାର୍ ତାଙ୍କ ନିଷ୍ପତ୍ତିରେ ଅଟଳ ଥିଲେ । କିନ୍ତୁ ଦଳର ଅନ୍ୟ କିଛି ବରିଷ୍ଠ ସଦସ୍ୟ ଶେଖରସାର୍‌ଙ୍କ ସିଦ୍ଧାନ୍ତ ସହ ଏକମତ ହୋଇ ପାରୁନଥିଲେ । ସେଇ କେତେଜଣ ବରିଷ୍ଠ କର୍ମୀଙ୍କ ମତ ସହ ଏକମନ ଏକମତ ହୋଇଥିଲା ଅଭିଷେକ । ଅଭିଷେକ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରିଥିଲେ ଯେ ଅନଶନ ଓ ଆନ୍ଦୋଳନ ଦ୍ୱାରା ନିଜର ଦାବି ହାସଲ କରିବା ସମ୍ଭବ ନୁହଁ । ଏମିତି ଅନଶନରେ ବସି ବର୍ଷବର୍ଷ ଗଳିଯିବ ହେଲେ ଦାବି ହାସଲର ସଫଳତା ମିଳିବ ନାହିଁ । ତେଣୁ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଇ ନିଜର ଦାବି ହାସଲ ପାଇଁ ସଂଗ୍ରାମ କରିବାକୁ ପଡ଼ିବ । ଅନଶନ ଓ ଆନ୍ଦୋଳନ ଦ୍ୱାରା କେବଳ ନିଜର ଶରୀର ଦୁର୍ବଳ ହେବ ସିନା ହେଲେ କେହି କୌଣସି କଥା ଶୁଣିବେ ନାହିଁ । ଅଭିଷେକଙ୍କ ମତରେ ଏକମତ ହୋଇଥିଲେ ବରିଷ୍ଠ ସଂଗ୍ରାମୀଗଣ । ସେମାନେ ମଧ ନିଶ୍ଚିତ ହୋଇଥିଲେ ଆନ୍ଦୋଳନ ଭିତରେ ନିଜର ସ୍ଥିତିକୁ ଯେତେ ଜାହିର କଲେ ବି ସାମ୍ପ୍ରତିକ ବ୍ୟବସ୍ଥାର ପରିବର୍ତ୍ତନ ହେବନାହିଁ ବରଂ ଏମିତି ମାସ, ବର୍ଷବର୍ଷ ବିତିଯିବ । ଯଦିଓ ଅଭିଷେକ ଭଲଭାବେ ଜାଣେ ଯେ ଅନୁପମ ଶେଖରସାର୍ କେବଳ କଥାରେ ନୁହଁନ୍ତି, ନୀତି, ଆଦର୍ଶ ଓ ବ୍ୟବହାରରେ ବି ସମସ୍ତଙ୍କ ଠାରୁ ନିଆରା । ମାତ୍ର ତାଙ୍କର ମନୋଭାବ ଥିଲା ସଂପୂର୍ଣ୍ଣ ଭିନ୍ନ । ଏମିତି ସବୁଦିନ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ଓ ସଂଗ୍ରାମ କରିବା । ସେଇ ଆନ୍ଦୋଳନ ଓ ସଂଗ୍ରାମ ଭିତରେ ସେ ନିଜେ ବଞ୍ଚିରହିବାକୁ ଚାହାଁନ୍ତି । ପ୍ରତ୍ୟକ୍ଷ ଭାବେ ଆନ୍ଦୋଳନ ଛାଡ଼ି ରାଜନୀତିରେ ନୀତିଗତ ଓ ଗଠନମୂଳକ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ତାଙ୍କର ଇଚ୍ଛାନଥିଲା । ନିର୍ବାଚନରେ ଭାଗନେଲେ ମଣିଷ ଦେହରେ ପଙ୍କ ଲାଗିଲା ପରି ଭଲମଣିଷ ଆପେଆପେ ଦୁର୍ନୀତିଗ୍ରସ୍ତ ହୋଇଯାଏ । ତାଙ୍କର ଏଭଳି ମାନସିକତାକୁ ଦେଖି ତାଙ୍କୁ ଛାଡ଼ି ନିର୍ବାଚନରେ ଭାଗନେବା ପାଇଁ ସିଦ୍ଧାନ୍ତ ନେଇଥିଲେ ଅଭିଷେକ ଓ ଦୁର୍ନୀତି ବିରୋଧି ମଞ୍ଚର କେତେକ ସଦସ୍ୟ । ନିଜ ନିଷ୍ପତ୍ତିରେ ଅଟଳ ଥିଲା ମୌସୁମୀ । କାହାକୁ ଭେଟୁନଥିଲା କି ନିଜ ଇସ୍ତଫା ବିଷୟରେ କାହାକୁ କିଛି କହୁନଥିଲା । ସାଧାରଣ ଭାବେ କେବଳ ଜଣେ ଘରୋଇ ସ୍ତ୍ରୀଲୋକ ଭଳି ଚଳପ୍ରଚଳ ହେଉଥିଲା ସେ । କିଏ କଣ କହୁଛି ନକହୁଛି ସେ ବାବଦରେ କିଛି ପ୍ରତିକ୍ରିୟା ବି ପ୍ରକାଶ କରୁନଥିଲା । ଏମିତିକି ଓଁକାରନାଥଙ୍କ ସହ ବି କଥା ହେଉନଥିଲା ମୌସୁମୀ ।

ଆଗରୁ ସଦା କୋଳାହଳରେ ଫାଟି ପଡୁଥିବା ଓଁକାରନାଥଙ୍କ ବାସ ଭବନରେ ଏବେ କାଁଭାଁ କର୍ମୀ । ଯିଏ ଆସୁଛି ସିଏ ଚାପା ସ୍ୱରରେ କଥାବାର୍ତ୍ତା ସହ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି ତାଙ୍କ ଠାରୁ । ପ୍ରଥମ କିଛିଦିନ ଘରୁ ବି ବାହାରି ନଥିଲେ ନାହିଁ ଓଁକାରନାଥ ।

ଅନନ୍ୟାର ଆଉ ଦେଖାନାହିଁ ।

ବିଜୟାନନ୍ଦଙ୍କ ପାଖରୁ ବି କିଛି ଖବର ନାହିଁ ।

ଦୁଶ୍ଚିନ୍ତାରେ ଉବୁଟୁବୁ ହେଉଥିଲେ ଓଁକାରନାଥ ।

କଣ କରାଯାଇପାରିବ । କେମିତି ପରିସ୍ଥିତିକୁ ଆୟତ୍ତ କରାଯାଇପାରିବ କିଛି ଭାବିପାରୁନଥିଲେ ସେ । ତାଙ୍କୁ ଜଣାନଥିଲା ମୌସୁମୀକୁ ମନେଇବାର ମନ୍ତ୍ର । ସବୁ ସୁରୁଖୁରୁରେ ଚାଲୁଥିବାବେଳେ କାହିଁକି ମୌସୁମୀ ଏମିତି ଗୋଟେ ଭୁଲ୍ ପଦକ୍ଷେପ ନେଲା ବୁଝି ପାରୁନଥିଲେ ଓଁକାରନାଥ । ମୌସୁମୀକୁ ସବୁପ୍ରକାର ସ୍ୱାଧୀନତା ତ ସେ ଦେଇଥିଲେ । ଯେମିତି ଚାହିଁବ ସେମିତି ଉପଭୋଗ କରିପାରିବ ନିଜ ଜୀବନକୁ । କାହିଁକି ସେ ଏମିତି ଗୋଟେ ପାଗଳାମୀ କଲା ? ସବୁ ପ୍ରକାର ସୁଖ ସୁବିଧା ପାଇବା ସତ୍ତ୍ୱେ ସେ ଓହରିଗଲା ରାଜନୀତିରୁ ? ୟା'ପରେ କି ସୁଖ ଆଉ ମିଳିବ ? ଆଉ ମାତ୍ର କିଛିଦିନ ଯାଇଥିଲେ, ନିର୍ବାଚନ ସରିଯାଇଥିଲେ..... ଏଥର ବି ସେ ନିଶ୍ଚୟ ନିର୍ବାଚନ ଜିତିଥାନ୍ତେ ଏବଂ ନିଶ୍ଚିତ ସ୍ଥାନ ପାଇଥାନ୍ତେ କ୍ୟାବିନେଟ୍‌ରେ, ଏମିତି କିଛି ପ୍ରତିଶ୍ରୁତି ଦେଇଥିଲେ ଦଳୀୟ ହାଇକମାଣ୍ଡ । ଅଥଚ....

ମନେମନେ ମୌସୁମୀ ଉପରେ କ୍ଷୁବ୍ଧ ହେଉଥିଲେ ଓଁକାରନାଥ । ଦିନକୁ ଦିନ କମିକମି ଯାଉଥିଲା ଓଁକାରନାଥଙ୍କ ଘରର ଗହଳଚହଳ । ଓଁକାରନାଥକୁ ଲାଗୁଥିଲା ବିଧାୟକ ହେଲେ ବି ଯେମିତି ତାଙ୍କ ଅଧିକାର ହ୍ରାସ ହୋଇ ହୋଇ ଯାଉଛି । ଯୋଉଠି ତାଙ୍କର ବିନା ପରାମର୍ଶରେ ଗଛର ପତ୍ର ହଲୁନଥିଲା ଏବେ ସେଠି ସିଏ କେବଳ ଜଣେ ନିମନ୍ତ୍ରିତ ଅତିଥି । ବିଜୟାନନ୍ଦବାବୁ ଆଉ ତା' ସହ ସକାଳେ ସଂଧ୍ୟାରେ ଫୋନ୍‌ରେ ବି କଥା ହେଉନଥିଲେ । ନିଜ ଆଡୁ ତାଙ୍କ ପାଖକୁ ଫୋନ୍ କଲେ ଓଁକାରନାଥ, ତାକୁ ବି ସେ ରିସିଭ୍ କରୁନଥିଲେ ।

ତାଙ୍କୁ ଲାଗୁଥିଲା ବିଜୟାନନ୍ଦ ତାଙ୍କୁ ଉପେକ୍ଷା କରୁଛନ୍ତି । ତାଙ୍କ ବାସଭବନକୁ ଗଲେ ବି ବିଜୟାନନ୍ଦଙ୍କ ଦର୍ଶନ ମିଳୁନଥିଲା କି ଦେଖା କରିବାର ଅନୁମତି ମିଳୁନଥିଲା । ତାଙ୍କ କ୍ୱାର୍ଟରରେ ଦିନରେ କାଉ ଉଡୁଥିଲେ ଓ ରାତି ଆକାଶରେ ତାରା ।

ଦିନକୁ ଦିନ ମାନସିକ ସନ୍ତୁଳନ ହରଉଥିଲେ ଓଁକାରନାଥ । ଏଣିକି କେବଳ ମଦରେ ହିଁ ସେ ବଞ୍ଚୁଥିଲେ । ଦିନ ରାତି କିଛି ବାଦ୍ ପଡୁନଥିଲା । ଯେମିତିକି ମଦ୍ୟପାନ ବ୍ୟତୀତ ତାଙ୍କର ଆଉ କିଛି କାର୍ଯ୍ୟକ୍ରମ ନାହିଁ ।

ସମୟର ଜୁଆର କାହାକୁ ଅପେକ୍ଷା କରେନାହିଁ ।

ସମୟ ଚାଲୁଥିଲା ଘଣ୍ଟାକଣ୍ଟା ସହିତ ତାଳ ଦେଇ । ମୌସୁମୀ ବଦଳିବାର ନାଁ ଧରୁ ନଥିଲେ କି ଓଁକାରନାଥ ଛାଡି ପାରୁନଥିଲେ ନିଜର ଅହମିକା । କେହି କାହା ସହିତ କଥା ବି ହଉନଥିଲେ । ଅଥଚ ସୂର୍ଯ୍ୟ ଉଦୟ ହେଉଥିଲା ଓ ହେଉଥିଲା ଅସ୍ତ । ଦିନ ରାତି ହୋଇ ରାତି ପାହୁଥିଲା । କ୍ୟାଲେଣ୍ଡରର ପୃଷ୍ଠା ଓଲଟୁଥିଲା ।

ଏମିତି ଏମିତି ପହଞ୍ଚି ଯାଇଥିଲା ନିର୍ବାଚନର ସମୟ । ବାଜି ଉଠିଥିଲା ନିର୍ବାଚନର ବିଗୁଲ୍ । ଆରମ୍ଭ ହୋଇଯାଇଥିଲା ପ୍ରସ୍ତୁତି । ସମଗ୍ର ରାଜ୍ୟରେ ରାଜନୈତିକ ବାତାବରଣରେ ଭରି ଆସୁଥିଲା ଉଷ୍ମତା । ବିଶେଷ କରି ଓଁକାରନାଥଙ୍କ ନିର୍ବାଚନମଣ୍ଡଳୀ ଉପରେ ଥିଲା ସମସ୍ତଙ୍କ ନଜର । ଯଦିଓ ଭିତରର ରହସ୍ୟ ଅନ୍ୟମାନଙ୍କ ପାଇଁ ଥିଲା ଦୁର୍ବୋଧ ତଥାପି ବିରୋଧୀ ଦଳ ଓଁକାରନାଥଙ୍କ ପତନର ସୁଯୋଗ ନେଇ ସେଇ ନିର୍ବାଚନମଣ୍ଡଳୀରେ ଜିତିବା ନେଇ ବେଶ୍ ଆଗ୍ରହୀ ହୋଇ ଉଠୁଥିଲେ କ୍ରମଶଃ ।

ସମ୍ଭାବ୍ୟ ତାଲିକା ତିଆରି ହେଲାବେଳେ ଓଁକାରନାଥଙ୍କ ନାଁର ଗନ୍ଧବାସ ବି ନଥିଲା । ତଥାପି ଓଁକାରନାଥ ଅଶା କରୁଥିଲେ ଶେଷ ବେଳକୁ କିଛି ଗୋଟେ ପରିବର୍ତ୍ତନ କରାଯାଇ ତାଙ୍କୁ ତାଲିକାରେ ସାମିଲ୍ କରାଯିବ । ଅଥଚ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଓଁକାରନାଥଙ୍କୁ ବିଧାୟକ ଦୌଡ଼ରୁ ବାଦ୍ କରିଦିଆଗଲା । ଯେଉଁ ଦଳ ଓଁକାରନାଥଙ୍କ ବିନା ଇସାରାରେ ପାଦେ ଆଗେଇ ପାରୁନଥିଲା ସେଇ ଦଳରୁ ସେ ଏକପ୍ରକାର ବିତାଡିତ ହୋଇଯାଇଥିଲେ କହିଲେ ଚଳେ ।

ଦଳୀୟ ପ୍ରାର୍ଥୀତ୍ୱରୁ ବଞ୍ଚିତ ହେବାପରେ ଓଁକାରନାଥ ଭାଙ୍ଗି ଯାଇଥିଲେ ଅସମ୍ଭବ ଭାବେ। ଭାଙ୍ଗି ଯାଇଥିଲା ତାଙ୍କର ମନବଳ ଓ ମାନସିକ ସ୍ଥିତି । ବଢିଯାଇଥିଲା ମାନସିକ ଅସ୍ଥିରତା ଓ ଦ୍ୱନ୍ଦ୍ୱ । ମାନସିକ ଅସ୍ଥିରତାରୁ ମୁକ୍ତି ପାଇବା ଲାଗି ମାତ୍ରାଧିକ ମଦ୍ୟପାନ କରୁଥିଲେ ଓଁକାରନାଥ । ଅତ୍ୟଧିକ ଅସ୍ଥିରତା ଓ ମଦ୍ୟପାନ ଯୋଗୁଁ ଶାରୀରିକ ଅବସ୍ଥା ବି କ୍ରମଶଃ ଖରାପ ଆଡକୁ ଗତିକରୁଥିଲା । ଦିନରାତି ମଦରୁ ମୁକ୍ତ ହୋଇ ପାରୁନଥିଲେ ଓଁକାରନାଥ । ଶରୀର କ୍ରମଶଃରୁ କ୍ରମଶଃ କ୍ଷୀଣ ହୋଇ ପଡୁଥିଲା।

ଅର୍ଥ ଗଲା, କ୍ଷମତା ଗଲା, ବନ୍ଧୁ ପରିଜନ ଗଲେ, ସାଙ୍ଗସାଥୀ ଗଲେ । ଶେଷରେ ସମସ୍ତ ସମ୍ଭାବନା ବି ଗଲା । ଆକାଶରୁ ମାଟିକୁ ଖସିପଡିଥିବା ଓଁକାରନାଥ କ୍ଷମା କରିପାରୁନଥିଲେ ମୌସୁମୀକୁ । ସ୍ତ୍ରୀଲୋକଙ୍କୁ ମୁଣ୍ଡରେ ମୁଣ୍ଡେଇଲେ ଏମିତି ହୁଏ । ନିଜକୁ କଣ ଭାବିଲା ମୌସୁମୀ ? ଏକଛତ୍ରବାଦୀ ସାମ୍ରାଜ୍ଞୀ ? ମଦ ନିଶା ଛାଡିଗଲା ପରେ ବେଳେବେଳେ ଏଇ ପ୍ରଶ୍ନ ଅତିଷ୍ଠ କରେ ଓଁକାରନାଥଙ୍କୁ । କୌଣସି ପ୍ରକାରେ ମୌସୁମୀ ପ୍ରତି ତାଙ୍କର ଶ୍ରଦ୍ଧା ଆସେନାହିଁ । ତାଙ୍କୁ ଲାଗେ ତଳେ ଥିବା ଲୋକମାନଙ୍କୁ ଉପର ଆସନ ଦେଲେ ଏଇଆ ହୁଏ । ମାଙ୍କଡ ହାତରେ ଶଳଗ୍ରାମ । କେତେ କଷ୍ଟରେ ମଣିଷ ନିଜ ପାଇଁ ସିଡି ତିଆରି କରିଥିଲା । କେତେ ସ୍ୱପ୍ନ ସମ୍ଭାବନା ଭିତରେ ରାତି ପୁହାଉଥିଲା । ଆଉ ଏ ବ୍ୟଭିଚାରିଣୀ ସ୍ତ୍ରୀ । ଗୋଟିଏ ମୁହୂର୍ତ୍ତରେ ସବୁକୁ ଓଲଟପାଲଟ କରିଦେଲା ! ଥରେ ହେଲେ ତାଙ୍କୁ ନିଜର ମତ ଜଣେଇଥାନ୍ତା ! ବିଜୟାନନ୍ଦ ବାବୁଙ୍କୁ ଥରେ ଦେଖା କରିଦେଇ ଭୁଲ୍ ହୋଇଯାଇଛି ବୋଲି ସ୍ୱୀକାର କରିଦେଇଥିଲେ କଣଟା ମହାଭାରତ ଅଶୁଦ୍ଧ ହୋଇଯାଇଥାନ୍ତା ? କୋଉ ଏମିତି ମହାରାଣୀଟା ଯେ, ଆଞ୍ଚ ଆସିଯାଇଥାନ୍ତା ସମ୍ମାନରେ ! (କ୍ରମଶଃ)

# ବାପା ଯେବେ ପିଲା ଥିଲେ

ଗୋଟେ ଅନୁବାଦ ଗଳ୍ପ

ମୂଳହିନ୍ଦୀ- ଅଶୋକ ଭାଟିଆ



ଅନୁସୃଜନ- ବିନୟ କୁମାର ଦାସ

ଏଇ ଅଳ୍ପ ଦିନ ତଳେ ଝିଅ ଲୀନାକୁ ସେ କଲେଜରେ ନାମ ଲେଖାଇଥିଲେ । ଆଜିକାଲି ଯୁଗରେ ମୋବାଇଲର ବହୁତ ଆବଶ୍ୟକତା ରହିଥିବା ଦୃଷ୍ଟିରୁ ବାପା ମାଆ ଲୀନା ପାଇଁ ବି ଗୋଟିଏ ମୋବାଇଲ କିଣିଦେଲେ । ତାର କେତେବେଳେ କଣ ଦରକାର ସେ ମୋବାଇଲରେ ଘରକୁ ଜଣାଇ ଦେଇ ପାରିବ । ମୋବାଇଲଟି ଥିଲା ଦାମିକା । ଆଜେବାଜେ କମ୍ ଦାମବାଲା ମୋବାଇଲରେ ଯାନ୍ତ୍ରିକ ତୃଟି ଦେଖାଯାଏ । ତେଣୁ ବହୁତ ଯୋଗାଡଯନ୍ତ୍ର କରି ସେ ଭଲ ସେଟ୍‌ଟିଏ ଧରାଇଦେଇଥିଲେ ଲୀନାକୁ । ଏତେ ଦାମିକା ସେଟ୍ ପାଇ ସେ ବି ବହୁତ ଖୁସି ହୋଇଥିଲା । ବାପାଙ୍କୁ ନିଜର କୃତଜ୍ଞତା ଜଣାଇଥିଲା ।

ତେବେ ଆଜି ତା ପାଖରୁ ଫୋନ୍ ଆସିଲା , 'ବାପା...ମୁଁ ଲୀନା କହୁଛି ।'

'ଲୀନା... ? କିନ୍ତୁ ଇଏତ ତୋ ନମ୍ବର ନୁହେଁ ।'

'ମୁଁ ଆଉ ଜଣକ ମୋବାଇଲରୁ ଫୋନ୍ କରୁଛି । ମୋ ଉପରେ ରାଗିବ ନି ବାପା ।'

ଏତକ ଶୁଣିବା ପରେ ବାପା ଚମକି ପଡିଲେ । ମନେମନେ ବହୁତ ଭୟ ପାଇଗଲେ । କଣ ଏମିତି ହେଲା ଯେ ଲୀନା ନିଜ ମୋବାଇଲ ବ୍ୟବହାର ନ କରି ଆଉ ଜଣକ ମୋବାଇଲରୁ ଆଜି ଫୋନ୍ କରୁଛି । ମନରେ ନାନା ପ୍ରକାର ଆଶଙ୍କା ଚକ୍କର ମାରିବାକୁ ଲାଗିଲା । ବୋଧହୁଏ କେହି ତା ମୋବାଇଲକୁ ତା ପାଖରୁ ଛିନତାଇ କରି ନେଇଛି ନିଶ୍ଚୟ । କାରଣ ଏ ସବୁ ତ ଆଜିକାଲି ସାଧାରଣ କଥା ହୋଇଗଲାଣି । ଏମିତି ବି ହୋଇପାରେ, କୋଉଠି ଭୁଲରେ ତା ସେଟ୍ ଖସି ପଡିଛି । ତାପରେ ଲୀନାର କଣ୍ଠସ୍ୱରରେ ଭୟର ସୂଚନା ମିଳୁଥିଲା । ବାପା ବହୁତ ଚିନ୍ତାରେ ପଡିଗଲେ । କଣ ହୋଇପାରେ କାରଣ ?

'ବାପା, ମୋ ମୋବାଇଲ କୋଉଠି ଖସି ପଡିଛି । ବହୁତ ଖୋଜିଲିଣି...ହେଲେ ପାଉନି । ବାପା...ମୋ ଉପରେ ରାଗିବନି ତ ? ମୁଁ ଜାଣିଶୁଣି ଏମିତି କରିନି ବାପା । ବିଶ୍ୱାସ କର ।' ତାପରେ ସେ ଆଉ କିଛି କହିଲା ନାହିଁ । ତା ଭୟମିଶା କଣ୍ଠସ୍ୱର ଶୁଣି ବାପା ସ୍ତବ୍ଧ ହୋଇଗଲେ । ତାଙ୍କର ନିଜ ପିଲାଦିନ କଥା ମନେ ପଡିଯାଉଥିଲା ।

ସେ ଦଶମ ଶ୍ରେଣୀରେ ପଢୁଥିଲା ବେଳେ ତାଙ୍କ ବାପା ସବୁବେଳେ ବହୁତ ବ୍ୟସ୍ତ ରହୁଥିଲେ । ସମୟ ଅଭାବ ହେତୁ ସେ ନିଜ ପାଇଁ କିଛି କରି ପାରୁନଥିଲେ । ଥରେ ତାଙ୍କର ହଲେ ବୁଟ୍ କିଣିବା ପାଇଁ ଦରକାର ପଡିଲା । ସେ ନିଜେ ବଜାରକୁ ଯାଇ ପାରିଲେ ନାହିଁ । ବାପା ତାକୁ କହିଲେ ବଜାରକୁ ଯାଇ ହଲେ ବୁଟ୍ କିଣି ଆଣିବା ପାଇଁ । ସେ ବୁଟ କିଣିଆଣି ଘରେ ରଖିଦେଇଥିଲେ । ରାତିରେ ବାପା ସେ ବୁଟ୍ ଦେଖି ବିରକ୍ତ ହୋଇଥିଲେ । କହିଥିଲେ, ନିଜେ ନମଲେ ପରା ଯମର ଦର୍ଶନ ହୁଏ ନାହିଁ । ଏ ଗୁଡା କଣ ନେଇ ଆସିଛୁ । କଳା କୁକୁର ମୁହଁ ପରି ହୋଇଛି । ସେ ବହୁତ ଡରି ଯାଇଥିଲେ ବାପାଙ୍କ ଏମିତି କଥା ଶୁଣି । ତାଙ୍କ ମନର ସବୁ ସରସତା କୁଆଡେ ହଜି ଯାଇଥିଲା । ତାଙ୍କୁ ବି ସେ ଜୋତାହଳକ କେମିତି ଖରାପ ଲାଗିଲା । ତେବେ ଆଉ ତ କିଛି କରିବାର ନଥିଲା । ସେ ବାପାଙ୍କ ମନରେ ଅଯଥା କଷ୍ଟ ଦେଇଥିବାରୁ ନିଜକୁ ଧିକାର ଦେଇଥିଲେ ସେଦିନ ।

ସେତେବେଳେ ବୁଟ୍ ପାଲିସ କାମ ମାଆ ହିଁ କରୁଥିଲେ । ସବୁଦିନ ତ ପାଲିସ୍ ହୁଏନି ସପ୍ତାହରେ ଥରେ । ଦିନେ ସେ ବି ଭାବିଲେ ବାପାଙ୍କ ବୁଟ୍ ପାଲିସ କରିବେ । କିନ୍ତୁ ତାଙ୍କୁ ବୁଟ ପାଲିସ୍ କାମ ଜଣା ନଥିଲା । ମାଆ ପାଲିସ କଲା ବେଳେ ସେ କେବେ ବି ଦେଖିନଥିଲେ । ତେଣୁ ଅତି କଦର୍ଯ୍ୟ ଭାବରେ ସେ କାମ କରିପକାଇଲେ । ବୁଟ୍ ସାରା ପାଲିସକୁ ବହୁତ ପରିମାଣରେ ବୋଳି ରେଲେ, ଭାବିଲେ ବେଶୀ ପାଲିସ ଲାଗିଲେ ଜୋତା ଚିକ୍ ଚିକ୍ କରିବ । ଏତକକୁ ତାଙ୍କ ବଡଭାଇ ଦେଖିନେଇ ସେ ଜୋତାକୁ ତା ହାତରୁ ଛଡାଇ ନେଇ ତାକୁ କହିଥିଲେ, 'ଏ ବୁଟ୍ ରହିଲା ମୋ ପାଖରେ । ଆଜି ଆସନ୍ତୁ ବାପା, ତାଙ୍କୁ ଦେଖାଇବି ।' ସେଦିନ ସେ ଏତେ ଭୟ ପାଇଯାଇଥିଲେ ଯେ ବାପାଙ୍କ ଆସିବା ପର୍ଯ୍ୟନ୍ତ ନିଜ କୋଠରୀରେ ଲୁଚି ରହିଥିଲେ ।

ଠିକ୍ ସେଇ ଭୟ ଆଜି ତାଙ୍କ ଝିଅ ଲୀନା ପାଖରେ ରହିଛି ଦେଖି ସେ ଭାବବିହ୍ୱୋଳ ହୋଇପଡିଲେ ।

'ମା..ଲୀନା । ମୋବାଇଲ ହଜିଗଲା ବୋଲି ତୁ ଏତେ ମନ ଦୁଃଖ କରୁଛୁ କଣ ପାଇଁ ? ଜିନିଷ ହଜେ...ଏହା ସେମିତି କିଛି ନୂଆ କଥା ନୁହେଁ । ତେବେ ତୁ ତ ଜାଣିଶୁଣି ସେମିତି କିଛି କରିନୁ । ଆଉ ଏକ ସେଟ୍ କିଣି ଆଣିବି ତୋ ପାଇଁ । ଜମା ବ୍ୟସ୍ତ ହେବା ଦରକାର ନାହିଁ । ତୁ ଘରକୁ ଚାଲିଆ ।'

ଏତକ କହିଲା ପରେ ତାଙ୍କ ମନର ସେଦିନ ର ଥିବା ବୋଝ ଏତେଦିନ ପରେ ଖଲାସ ହୋଇଗଲା ।

'ଥ୍ୟାଙ୍କ୍ ୟୁ ପାପା...ଆଇ ଲଭ୍ ୟୁ ।' ଖୁସିରେ ନାଚିଯାଉଥିଲା ଲୀନା । ସେହିଦିନ ଠାରୁ ବାପ ଝିଅ ସାଙ୍ଗ ବି ହୋଇଗଲେ ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୬ ମାର୍ଚ୍ଚ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଲୋଚନା...

# ସତ୍ୟବାଦୀ ଚେତନା ଓ ଓଡ଼ିଆ ଭାଷା ସାହିତ୍ୟର କର୍ଣ୍ଣଧାର

ଅମୂଲ୍ୟ କୁମାର ପଣ୍ଡା




ସତ୍ୟବାଦୀ-ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା । ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ । ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ । ଓଡ଼ିଶାରେ ମଧ ତାହା ପ୍ରଭାବ ବିସ୍ତାର କଲା । ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ । ଏହି ସମୟରେ ଜାତୀୟ କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦବୋଧନମୂଳକ ଗୀତିକା । ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ । ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର । ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଳ୍ପ ନା, ସେ ପ୍ରମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା । ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ । କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ । ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତିବାଦୀ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି । 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଏବଂ 'ଅମର ଚିତା' ତାଙ୍କର ପ୍ରସିଦ୍ଧ ଉପନ୍ୟାସ । ସେ ମଧ ବହୁ ଗଳ୍ପର ସ୍ରଷ୍ଟା । ମାନବବାଦୀ ଭାବଧାରା ଓ ଗାନ୍ଧିବାଦ ତାଙ୍କ ଗଳ୍ପ ଓ ଉପନ୍ୟାସର ପ୍ରାଣସତ୍ତା । ତାଙ୍କର କବିତା କ୍ରମଶଃ ସ୍ୱପ୍ନ ଓ କଳ୍ପ ନାରୁ ପ୍ରଗତିବାଦୀ ଭାବଧାରାକୁ ଗତି କରିଯାଇଛି । ବୈକୁଣ୍ଠନାଥ ଆଜୀବନ କବିତା ଲେଖିଥିଲେ । 'କାବ୍ୟ ସଞ୍ଚୟନ', 'ଉତ୍ତରାୟଣ' ଆଦି ତାଙ୍କର କବିତା ଗ୍ରନ୍ଥ । ଶରତ ଚନ୍ଦ୍ର ଓ ହରିହର ମଧ କେତେକ କବିତା ରଚନା କରିଥିଲେ । ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ରତ୍ନାକର ପତି ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ । ତାଙ୍କ ବ୍ୟତୀତ ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜଗନ୍ନାଥ ପାଣି ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା ନୂତନ ଚମକ ସୃଷ୍ଟି କଲେ । ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର ପ୍ରମୁଖ ନାଟକ ରଚନା କରିଥିଲେ ମଧ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥଲେ । ତାଙ୍କ ରଚିତ ' କୋଣାର୍କ', 'କଳାପାହାଡ', 'ଗୋବିନ୍ଦ ବିଦ୍ୟାଧର', 'କେଶରୀଗଙ୍ଗ', 'ଭୀଷ୍ମ', 'ସାବିତ୍ରୀ', ' ସାଲବେଗ', 'ବନ୍ଧୁ ମହାନ୍ତି ', 'ଶ୍ରୀଲୋକନାଥ', 'ତାଜମହଲ', 'ପାଇକ ପୁଅ', 'ଓଡ଼ିଆ ଝିଅ', ' କପିଳେନ୍ଦ୍ର ଦେବ', 'ରଘୁ ଅରକ୍ଷିତ', ' ଦାସିଆ ବାଉରୀ', 'ଶ୍ରୀମନ୍ଦିର', 'ଚଷାଝିଅ' ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି ।


ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା । ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ । ୧୯୩୦ ମସିହା ପରେ ମାର୍କସବାଦ ଭାରତବର୍ଷରେ କ୍ରମେ ପ୍ରଭାବ ବିସ୍ତାର କଲା । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ 'ଆଧୁନିକ' ପତ୍ରିକା । ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି । ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ । ମାର୍କସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ । ଭଗବତୀ ଚରଣଙ୍କର 'ଶିକାର', 'ହାତୁଡ଼ି ଓ ଦା', 'ଜୀବନର ସମାଧୁ', 'ଜଙ୍ଗଲୀ' ଆଦି ଗଳ୍ପ ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର 'ଆଗାମୀ', 'ଯାଦୁଘର', 'ମୋ କବିତା' ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର 'ରକ୍ତ ଶିଖା', 'ଶାନ୍ତି ଶିଖା', 'କିଞ୍ଚିତ, 'ତର୍ପଣ' କରେ ଆଜି' ସଚ୍ଚିଦାନନ୍ଦ ରାଉତରାୟଙ୍କର 'ଅଭିଯାନ', 'ଭାନୁମତୀର ଦେଶ', 'ବାଜି ରାଉତ' ଆଦି କବିତା ପୁସ୍ତକ, ରଘୁନାଥ ଦାସ, ସୁନନ୍ଦ କର ଓ ମନମୋହନ ମିଶ୍ରଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ଓ ପରେ ପରେ ବିନୋଦ ଚନ୍ଦ୍ର ନାୟକ, କୁଞ୍ଜବିହାରୀ ଦାଶ ପ୍ରମୁଖ କବିତା ରଚନା କଲେ । ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ-ବନ୍ଦନାର ମାର୍ମିକ ଆଲେଖ୍ୟ । ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି । ତାଙ୍କ କବିତାରେ ମଧ ଜାତୀୟତାବୋଧ ଓ ମାନବ-ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି । ସଚ୍ଚିଦାନନ୍ଦ ରାଉତରାୟ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖା ଆସୁଥିଲେ । ସ୍ୱାଧୀନତା ପରେ ମଧ ସେମାନେ କବିତା ଲେଖିଅଛନ୍ତି । ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ । 'ପଲ୍ଲୀଶ୍ରୀ', 'ଅଭିଯାନ', 'ଭାନୁମତୀର ଦେଶ', 'ବାଜିରାଉତ', 'ପାଣ୍ଡୁଲିପି' ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ ।

ସ୍ୱାଧୀନତା ପୂର୍ବରୁ କାହ୍ନୁଚରଣ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆବିର୍ଭୂତ ରଚନା କଲେ - ବାଲି ରାଜା', 'ହା'ଅନ୍ନ', 'ପଳାତକ', 'ଶାସ୍ତି' ଆଦି ଉପନ୍ୟାସ । ସ୍ୱାଧୀନତା ପରେ ମଧ ସେ ପ୍ରକାଶ କଲେ। 'ଝଞ୍ଜା', 'ବକ୍ରବାହୁ', 'ତମସା ତୀରେ', 'ଛୁଟିଲେ ଘଟ', 'ମେଲାଣି ମାଗୁଣି' ଆଦି ଉପନ୍ୟାସ । ସ୍ୱାଧୀନତା ପୂର୍ବରୁ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁକର ମଧ ଗଳ୍ପ ରଚନା କରିଥଲେ । ସ୍ୱାଧୀନତା ପରେ ମଧ ସେମାନେ ଗଳ୍ପ ରଚନା କରିଛନ୍ତି । ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ । ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା । ଉନ୍ମେଷ । ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି- ମଣିଷଟି ପ୍ରାଧାନ୍ୟ ଲାଭ କଲା । ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି'ରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା । ଅପରପକ୍ଷରେ ପ୍ରଗତିବାଦୀ ଆଭିମୁଖ୍ୟକୁ ନେଇ ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ ପ୍ରମୁଖ ରଚନା କଲେ କବିତା ।

ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି, ରମ୍ୟା ରଚନା ଓ ଉପନ୍ୟାସ ଲେଖି ଆସୁଥିଲେ । ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ 'ଭୀମା, ଭୂୟାଁ" ଉପନ୍ୟାସ । ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ । ତାଙ୍କର 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ', 'ଅନାମ' ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ । ଏହା ବ୍ୟତୀତ 'ହରିଜନ' ' ରାହୁର ଛାୟା', 'ଦାନାପାଣି', 'ମାଟିମଟାଳ', 'ଆକାଶ ସୁନ୍ଦରୀ', ବୃନ୍ଦାଏ। ପାଣି, ଆଦି ତାଙ୍କର ଉପନ୍ୟାସ ଓ 'ଘାସ ଫୁଲ', 'ଉଡ଼ନ୍ତା ଖଇ', 'ଗୁପ୍ତଗଙ୍ଗା' ଆଦି ତାଙ୍କର ଗଳ୍ପ ପୁସ୍ତକ । ସୁରେନ୍ଦ୍ର ମହାନ୍ତି ମଧ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ ଲେଖା ଚାଲିଥିଲେ । 'ବଧୂ ଓ ପ୍ରିୟା' 'ଅନ୍ଧ ଦିଗନ୍ତ', ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସଂଧ୍ୟା', 'ହ୍ୟସଗତି', 'କାଳାନ୍ତର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମହାନଗରୀରେ ରାତ୍ରି', 'ଓଃ କାଲକାଟା', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', ' ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କର ଗଳ୍ପ ପୁସ୍ତକ । ସେ ମଧ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମ କାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ । ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧରେ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଭୁବନେଶ୍ୱର ବେହେରା ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି । 'ଝଙ୍କାର' ପତ୍ରିକା ମାଧମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

❤ ଅରଙ୍ଗାବାଦ, ବରୀ, ଯାଜପୁର, ମୋ: ୯୯୩୮୯୦୬୦୭୦



# ଅଦ୍ଭୁତ ସେ ପ୍ରୀତିଫୁଲ-୨

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)


ବହୁ ଜଟିଳତା ସତ୍ତ୍ୱେ ଲକ୍ଷ୍ମୀର ସିଜରିଆନ ସେକସନ ସୁରୁଖୁରୁରେ ହୋଇଗଲା । ସେଥିପାଇଁ ନିଷ୍ଚେତକ ବିଶେଷଜ୍ଞ, ଶିଶୁ ଡାକ୍ତର, ଡଃ ସିଦ୍ଧାର୍ଥ, ଡଃ ଶିଖା ଓ ପୁରା ଟିମ୍ ଅକ୍ଲାନ୍ତ ପରିଶ୍ରମ କରିଥିଲେ । ତାର ଗୋଟିଏ ହୃଷ୍ଟପୃଷ୍ଟ ସୁନ୍ଦର ପୁଅଟିଏ ହେଲା । ଅପରେସନ ପରେ ଲକ୍ଷ୍ମୀକୁ ଦୁଇଦିନ ଆଇ.ସି.ୟୁ ଭିତରେ ରଖି ଚିକିତ୍ସା କରାଗଲା ଏବଂ ପୁଅକୁ ନିଓନାଟାଲ କେୟାର ୟୁନିଟରେ ରଖାଗଲା । ମା' ପୁଅ ଦୁଇଜଣ ସୁସ୍ଥ ନ ହେଲା ଯାଏଁ ଆମେ ସମସ୍ତେ ବଡ ଟେନସନରେ ଥାଉଁ ।

ଏଇ ସମୟରେ ସବୁ ମିଡିଆରୁ ପ୍ରାୟ ଫୋନ୍ ଆସିଲା 'ମ୍ୟାଡମ୍, ଏତେ ରେୟାର କେସଟିଏ ଡେଲିଭରି କଲେ, ଆପଣ ଏଇଟା ଗିନିଜ ବୁକ୍ ଅଫ୍ ୱ୍ୱର୍ଲଡ ରେକର୍ଡକୁ ଯିବ, ଆମକୁ କାହିଁକି ଖବର ଦେଲେନ? ଆପଣ ପ୍ରେମମିଟ କଲେନି କାହିଁକି? ମୁଁ କେବଳ ଗୋଟିଏ ଉତ୍ତର ଦେଲି ସେମାନେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଯାକ ମିଡିଆ କଭରେଜ ପାଇଁ ହଁ କହି ନାହାନ୍ତି । ତେଣୁ ମୁଁ ତାଙ୍କ ବିଷୟରେ କିଛି ଜିନିଷ କହିବା ଉଚିତ୍ ହେବ ନାହିଁ । ଦୁଇଜଣ ପରେ ଲକ୍ଷ୍ମୀ ଓ ତା ସ୍ୱାମୀ ସୁବାସ ସାଷ୍ଟାମ ହେବା ପରେ ମତେ କହିଲେ, ମ୍ୟାଡମ ଆପଣ ଟେଲିଭିଜନରେ କହିଲେ ମୋ ଭାଇମାନେ ମୋ ସ୍ୱାମୀଙ୍କ ଉପରେ ରାଗ ରଖିବେ । ମତେ ପଚାରିବେ ସହଜ ହେଲା । ମୁଁ ଲକ୍ଷ୍ମୀଙ୍କୁ ଏକାନ୍ତରେ ପଚାରିଲି ସବୁ କଥା । ହାତ ଗୋଡ କିଛି ନଥିଲେ ଲକ୍ଷ୍ମୀର ମୁହଁଟି ବେଶ୍ ସୁନ୍ଦର ଓ ସ୍ୱର ଖୁବ୍ ମଧୁର । ଲୁହ ଛଳ ଛଳ ଆଖିରେ ମତେ କହିଲା ସେ ଗୋଟିଏ ଲମ୍ବା କାହାଣୀ । ପିଲାଦିନେ ମୁଁ ଭଲ ଥିଲି । ମୋର ହାତଗୋଡ ସବୁ ମଧ୍ୟ ଠିକ୍ ଥିଲା କିନ୍ତୁ ଆସ୍ତେ ଆସ୍ତେ ମୋ ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ହାଡ ଭାଙ୍ଗିବାକୁ ଲାଗିଲା । ପ୍ଲାଷ୍ଟର ଲଗାଇବା ପରେ ମଧ୍ୟ ଆଦୌ କାମ କଲାନି କୌଣସି ଫଳ ଦେଲା ନାହିଁ ଏବଂ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇଲେ ମଧ୍ୟ କୌଣସି ଫଳ ଦେଲା ନାହିଁ । ଶେଷରେ ଶିଶୁରୋ ବିଶେଷଜ୍ଞ ଓ

> ପିଲାଦିନେ ମୁଁ ଭଲ ଥିଲି । ମୋର ହାତଗୋଡ ସବୁ ମଧ୍ୟ ଠିକ୍ ଥିଲା କିନ୍ତୁ ଆସ୍ତେ ଆସ୍ତେ ମୋ ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ହାଡ ଭାଙ୍ଗିବାକୁ ଲାଗିଲା । ପ୍ଲାଷ୍ଟର ଲଗାଇବା ପରେ ମଧ୍ୟ ଆଦୌ କାମ କଲାନି କୌଣସି ଫଳ ଦେଲା ନାହିଁ ଏବଂ ଡାକ୍ତରଙ୍କୁ ଦେଖାଇ ଔଷଧ ଖାଇଲେ ମଧ୍ୟ କୌଣସି ଫଳ ଦେଲା ନାହିଁ । ଶେଷରେ ଶିଶୁରୋ ବିଶେଷଜ୍ଞ ଓ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କର ମିଳିତ ଉଦ୍ୟମରେ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଜଣା ପଡିଲା ଯେ, ମୋର ଅସ୍ଥିର ଗୋଟିଏ ବିରଳରୋଗ ହୋଇଛି ଏବଂ ସେଥିରେ ଆଉ ନୂଆ ହାଡ ତିଆରି ହେବ ନାହିଁ । ତେଣୁ ମୁଁ ପୁରାପରି ବାମନ ହୋଇଗଲି ।

ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କର ମିଳିତ ଉଦ୍ୟମରେ ସବୁ ପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଜଣା ପଡିଲା ଯେ, ମୋର ଅସ୍ଥିର ଗୋଟିଏ ବିରଳରୋଗ ହୋଇଛି ଏବଂ ସେଥିରେ ଆଉ ନୂଆ ହାଡ ତିଆରି ହେବ ନାହିଁ । ତେଣୁ ମୁଁ ପୁରାପରି ବାମନ ହୋଇଗଲି । ସ୍କୁଲକୁ ଯିବା ମଧ୍ୟ ବନ୍ଦ କରିଦେଲି, କାରଣ ମୁଁ ଚାଲିପାରୁନଥିଲି କେବଳ ହାତରେ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିଲି ଏବଂ ସାଙ୍ଗସାଥୀଙ୍କଠାରୁ ଆରମ୍ଭ କରି ଯିଏ ମତେ ଦେଖିଲା ସେମାନେ ମତେ ଥଟ୍ଟା କରି ହସିଲେ । ତେଣୁ ଲାଜରେ ଘରେ ରହି ପଢିଲି ଟ୍ୟୁସନ ସାର ମତେ ପଢାଇଲେ ଏବଂ ମୁଁ ମ୍ୟାଟ୍ରିକ ମଧ୍ୟ ପାସ କଲି । ମୋର ବାପା, ମା' ଓ ପାଞ୍ଚଭାଇ ମାନେ ମତେ ଖୁବ୍ ଭଲ ପାଆନ୍ତି ଏବଂ ଭଲ ଡ୍ରେସଠାରୁ ଆରମ୍ଭ କରି ସବୁ ଜିନିଷ ଆଣି ଦିଅନ୍ତି । ଏମିତିକି ମତେ ଫୁଲ ଦୋଳିରେ ବି ଝୁଲାଇ ଦିଅନ୍ତି । ମତେ ପନ୍ଦର ଷୋହଳ ବର୍ଷ ହେଲା ପରେ ସବୁ ଝିଅମାନଙ୍କର ଜୀବନରେ ଯେପରିକ୍ସନ୍ତ ଋତୁ ଆସେ, ମଳୟ ପବନ ବହେ ଏବଂ ସହସ୍ର ସହସ୍ର ବିଚିତ୍ର ବର୍ଣ୍ଣର ବିଚିତ୍ର ରଙ୍ଗର ଫୁଲ ଫୁଟିଯାଏ । ସେଭଳି ମୋ ମନରେ ଉପବନରେ ବି ଅସଂଖ୍ୟ ଫଉଲ ଫୁଟିଗଲା । ତେବେ ସବୁ ଆଶାକୁ ଆସ୍ତେ ଆସ୍ତେ ମୋ ମନରୁ ଏଡାଇ ଏବଂ ସବୁ ସ୍ୱପ୍ନକୁ ହୃଦୟର ପରଦାରୁ ପୋଛି ଦେଲି ।

ତେବେ ଏହାରି ଭିତରେ କେବଳ ଘରକାମ, ଟି.ଭି ଦେଖିବା ସାଙ୍ଗକୁ ମୋବାଇଲ ଫୋନ୍ ହିଁ ମୋର ପରମ ବାନ୍ଧବୀ ପାଲଟିଗଲା । ଥରଟିଏ ମୋବାଇଲ ଦେଖୁ ଦେଖୁ ଗୋଟିଏ ଅଜଣା ନମ୍ବର ଲାଗିଗଲା । ମୁଁ ତାକୁ କାଟିଦେଲି । କିନ୍ତୁ ସେଇ ନମ୍ବରରୁ ଘନଘନ ଫୋନ୍ ଆସିଲା ଏବଂଫୋନ୍ର ସେଇ ଅଳ୍ପ ସମୟର କଥାବାର୍ତ୍ତା ଗଭୀର ସଂପର୍କରେ ପରିଣତ ହୋଇଗଲା । ଏହାରେ କହି ରଖେ, ଲକ୍ଷ୍ମୀର ବୀଣା ଜିଣା କଣ୍ଠସ୍ୱର ଖୁବ ମଧୁର ଓ ମୁହଁଟି ମଧ୍ୟ ଗୋଟିଏ ଚାଲୁରେ ଗଢା । ପୁଣି ଲକ୍ଷ୍ମୀ କହିବାକୁ ଆରମ୍ଭ କଲା , ଏମିତି କିଛି ମାସ ଯାଏଁ ପ୍ରତ୍ୟେକ ଦିନ ସୁବାସ ମୋ ସାଙ୍ଗରେ କଥାବାର୍ତ୍ତା ହେଲେ ଏବଂ କହିଲେ 'ମୁଁ ତୁମକୁ ଦେଖିବାକୁ ଚାହେଁ ଏବଂ ବାହା ହେବାକୁ ଚାହେଁ ।' ଯେଉଁ କଥା କୁ ମୋର ସବୁଠାରୁ ଡର ଥିଲା ସେଇ ମୁହୂର୍ତ୍ତଟି ଆସି ପହଞ୍ଚିଗଲା । ମୁଁ ଚାହୁଁଥିଲି ଏମିତି ପଛେ ମାସ ମାସ ବର୍ଷ ବର୍ଷ ଧରି ଗପୁଥାନ୍ତି, କିନ୍ତୁ ଦେଖା ଦେଖି କେବେ ନହେଉ । (କ୍ରମଶଃ)





# ଧାରାବାହିକ ଅନୁବାଦ ଉପନ୍ୟାସ...(୨୦)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ

ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

ମୁଣ୍ଡର ବାଳକୁ ସୁନ୍ଦର ଭାବରେ କୁଣ୍ଡାଇ ସାରି ମୁଁ ମୁହଁରେ ଟିକେ ପାଉଡର ବୋଳିଲି ଓ ପାଗଳଙ୍କ ପରି କଳା ନାଗର ଫଣାକୁ ଜୋରରେ ଚିପିବାକୁ ଲାଗିଲି .....ଯେବେ ଯାଏଁ ତାର ସବୁ ବିଷ ବାହାରି ନ ଯାଇଛି ।

'ଏଇଟା ଏକ କାଳରାତ୍ରୀ .... !'

ଏକ ସଇତାନ ସୁଲଭ ହସ ଖେଳି ଗଲା ମୋର ସାରା ଚେହେରାରେ ।

'କୋବରା' ପରଫ୍ୟୁମର ବାସ୍ନାର ବୋଝ ତଳେ ପୁରା କୋଠରି ମୁଖରିତ ହୋଇ ଉଠିଥିଲା । ମୁଁ ଖୁବ ଆରାମରେ ପଲଙ୍କ ଉପରେ ବସି ଜୋତା ପିନ୍ଧୁଥିଲି, ଏହି ସମୟରେ ମାଆ-ବାପା ଆସି ଘେରିଗଲେ ମୋତେ ।

'କୁଆଡେ ଯିବାକୁ ବାହାରିଲୁ ?' ବାପାଙ୍କର ପ୍ରଶ୍ନ । 'ଆଜି ସୋନୁର ଜନ୍ମଦିନ', ମୋ ସ୍ୱରରେ ଟିକେ ଟାଣପଣ ।

'ତୋତେ ଇନଭାଇଟ କରିଛନ୍ତି କି ?' ମାଆ ପଲଙ୍କ ଉପରେ ମୋତେ ଲାଗି ବସିଗଲେ ।

'ହଁ।'

'ଆରେ, ତୁ ଆଗରୁ କହିନୁ .....କିଛି ଗିଫ୍ଟ ଦେବାକୁ ହେବ, ବାପା ଟିକେ ଚିନ୍ତିତ ହୋଇଗଲେ।

'ହଁ ।'

'ତୁଟା ଗୋଟେ ମୂର୍ଖ .....ଆଗରୁ କହିବା କଥା ନା ......ପଇସା ଦରକାର ?'

ବାପା ବ୍ୟସ୍ତ ବିବ୍ରତ ।

'ନା .....ମୁଁ କିଣି ସାରିଛି', ସ୍ୱରରେ ଟାଣପଣ ବଢ଼ିଲା ।

'କେଉଁଠୁ ..... ? କେମିତି ?'

'ଗୋଟେ ସାଙ୍ଗ ଦୋକାନରୁ ବାକିରେ କିଣିଛି ..... 'ମୋର ସ୍ୱରରେ ଥିଲା ଚିଡଚିଡାପଣ !

'ତାକୁ କହିଦେବୁ ପଅରିଦିନ ବାପାଙ୍କୁ ଦରମା ମିଳିବ ......ତାର ପଇସା ଦେଇଦେବୁ ତାକୁ .... 'ବାପା ମୋ ଆଖିରେ ଆଖି ନ ମିଳେଇ କହିଲେ । ସିଏ ଆଶ୍ଚର୍ଯ୍ୟଚକିତ ଥିଲେ ।

ମାଆ-ବାପା, ଦୁହିଁଙ୍କ ଚେହେରାରେ ଗଭୀର ଅପରାଧବୋଧ ପ୍ରସାରୀ ଯାଉଥିଲା ।

ଭାରଗ୍ରସ୍ତ ମନ ନେଇ ମୁଁ ପଲଙ୍କରୁ ଉଠି ବାହାରକୁ ଚାଲିଗଲି ।

କିଛି ଦିନ ପୂର୍ବରୁ କୌଣସି ଏକ କଥାରେ ମୁଁ ବାପାଙ୍କୁ କହିଥିଲି - 'କୋଲିଆରିରେ ଜେନେରାଲ ମ୍ୟାନେଜରଙ୍କର ଓ ଅଫିସର ଷ୍ଟାଡିୟମରେ ମୋର ପାରାଲାଲ ଗଭର୍ଣ୍ଣମେଣ୍ଟ ଚାଲେ ।'

ମୁଁ ଭାବିଥିଲି ବାପା ମୋ କଥା ଶୁଣି ରାଗିଯିବେ। ହେଲେ ସିଏ ରାଗିଲେ ନାହିଁ, ବରଂ ତାଙ୍କ ଚେହେରାରେ ଅଭିମାନର ଏପରି ଆଭା ବିସ୍ତାରୀତ ହୋଇଗଲା ଯେମିତି ମୋ କଥା ପୂରାପୂରି ସତ ।

ଆଜି ବି ମୁଁ ମୋ କଥା ଦୋହରେଇବାକୁ ଚାହୁଁଥିଲି, ହେଲେ ସେମିତି କରି ପାରିଲି ନାହିଁ । ମନ ଗଭୀର ବିଷାଦରେ ଭରିଗଲା ....ଘରେ

ଯେତେବେଳେ ମାଆ-ବାପା ଆସି ମୋତେ ଘେରି ଯାଇଥିଲେ ସେତେବେଳେ ସେମାନଙ୍କ ଉପରେ ମୋତେ ପ୍ରବଳ ରାଗ ଲାଗୁଥିଲା ....... ଆଉ ଏବେ .......ଏବେ ମନ ହେଉଥିଲା ସେମାନଙ୍କ ସାମ୍ନାକୁ ଯାଇ ଭେଁ ଭେଁ ହୋଇ କାନ୍ଦିବି ଆଉ କହିବି, 'ତୁମେମାନେ କାହିଁକି ବ୍ୟସ୍ତ ହେଉଛ .....ମୁଁ ଅଛି ନା ! ତୁମେମାନେ ମୋତେ ବହୁତ ସ୍ନେହଆଦର, ଭଲପାଇବା ଦେଇଛ .....ମୋ ପାଇଁ ଅନେକ କଷ୍ଟ ପାଇଛ । ହେଲେ ଏବେ ମୁଁ ବଡ ହେଇଗଲିଣି । ମୋର ଝମେଲା-ଝଞ୍ଜଟକୁ ମୁଁ ନିଜେ ସାମ୍ନା କରିପାରିବି .....ଖୁବ ଶୀଘ୍ର ମୁଁ କିଛି ବଡ କରି ଦେଖେଇବି । ସେଇ 'ଅଲଗା ଦୁନିଆ'କୁ ନେଇଯିବି ତୁମ ଦୁଇ ଜଣଙ୍କୁ , ଯେଉଁ ଦ୍ୱାର ଏବେ କେବଳ ମୋ ପାଇଁ ଖୋଲା ଅଛି ।'

ବଜାର ଆସି ଯାଇଥିଲା । ଏଠି ଏବେ ଆଉ ଏକ ଲଢେଇ ଜିତିବାକୁ ଥିଲା ମୋତେ ।

ନନ୍ଦୁ କ୍ଷେସନାରୀ ସପରୁ ମୁଁ ଅକାଳେ ସକାଳେ କେବେ ବାକିରେ ଜିନିଷ ନେଉଥିଲି । କଦବାକ୍ୱଚିତ ଧୂପକାଠି, ଚାହା ବା କ୍ଷୀର ପ୍ୟାକେଟ ସେଠୁ ନେଉଥିଲି ମୁଁ । ହେଲେ ଶଳା ନନ୍ଦୁ ଥିଲା ଗୋଟେ ପକ୍କା ଧୂର୍ତ୍ତ । ଯଦି ମୁଁ ତାକୁ ଏକଥା କହି ଦେଉଥିଲି ଯେ ଜିନିଷ ମୋତେ ବାକିରେ ନେବାର ଅଛି, ପଇସା ମୁଁ ପେମେଣ୍ଟ (ବାପାଙ୍କର ଦରମା ) ମିଳିଲା ପରେ ଦେବି, ତେବେ ସିଏ ସିଧା ସିଧା ମନା କରି ଦେଉଥିଲା ଯେ ଜିନିଷ ନାହିଁ । ଅର୍ଥାତ ମୁଁ ତା ଦୋକାନକୁ ଯାଇ କୁହେ, 'ଗୋଟେ ପ୍ୟାକେଟ ଚାହାପତି ଦିଅ, ପଇସା ପେମେଣ୍ଟ ମିଳିଲେ ନେବ।'

ସିଏ କୁହେ, 'ଚାହାପତି ନାହିଁ ।'

ପରେ ମୁଁ ଗୋଟେ ଉପାୟ ବାହାରକଲି । ତା ଦୋକାନରେ ପହଞ୍ଚିସାରି ମୁଁ ଖୁବ ରୁବାବ ଦେଖେଇ ପଚାରେ, 'ଧୂପକାଠି ଅଛି ?'

ସିଏ ତାର ତୀକ୍ଷଣ ଆଖିରେ ମୋର ମନ ଭାଷାକୁ ପଢିବାକୁ ଯଥାସମ୍ଭବ ଚେଷ୍ଟା କରି କହେ, 'ହଁ ।'

ଯେତେବେଳେ ଧୂପକାଠି ପ୍ୟାକେଟ ମୋ ହାତକୁ ଆସିଯାଏ, ମୁଁ ନିଜର ଗୋଟି ଚଳାଏ, 'ବାକିଖାତାରେ ନୋଟ କରି ଦେଇଥାଅ, ପଇସା ପେମେଣ୍ଟ ମିଳିବା ପରେ ଦେବି ।'

ଆଜି ବି ମୁଁ ସେଇଆ କଲି । ଇନଷ୍ଟମେଣ୍ଟ ବକ୍ସ ରଙ୍ଗୀନ କାଗଜରେ ଗୁଡିଆ ହୋଇ ଯେତେବେଳେ ମୋ ହାତକୁ ଆସିଗଲା, ପେମେଣ୍ଟ ମିଳିବା ପରେ ପଇସା ଦେବା କଥା କହି ମୁଁ ମୋ ରାସ୍ତାରେ ଆଗେଇଗଲି ।

ସୋନୁର ବଙ୍ଗଳାକୁ ମୁଁ ପ୍ରଥମ ଥର ପାଇଁ ଯାଉଥିଲି । ଏବେ ତା ଘର ଠାରୁ ମୁଁ ମାତ୍ର ୫୦ ପାଦ ଦୂରରେ ଥିଲି କି ହଠାତ ମୋର ଛାତି ଧଡକିନା ହେଲା । ବଙ୍ଗଳା ଆଖପାଖରେ ଡଜନେ ହେବ ମାରୁତି ୮୦୦, ଫିଏଟ ଓ ଜିପସୀ ଗାଡି ଛିଡା ହୋଇଥିଲା ।

ହାତକୁ ମୁଠା କରି ମୁଁ ମୋର ହୃଦୟକୁ ଦୃଢ କଲି ଓ ଧୀର ପଦପାତରେ ମେନଗେଟ ଭିତରକୁ ପ୍ରବେଶ କଲି । ବଙ୍ଗଳାଟି ମିକ୍କିର ବଙ୍ଗଳା ଠାରୁ ବଡ ଥିଲା ଆଉ ନିଜର ଭବ୍ୟତା .......ଆଖିଝଲସା ସୌନ୍ଦର୍ଯ୍ୟରେ ଆତଙ୍କିତ କରୁଥିଲା ମୋତେ । ମେନଗେଟର ଡାହାଣ ପଟେ ଗୋଟେ ବଡ ଲନ୍ ଥିଲା । ଲନରେ ପାଣିର ଫୁଆରା ଥିଲା, ଯାହାକୁ ଚୁନ୍ନୀ ବଲ୍ବ ଓ ନିୟନ ଲାଇଟ ଦ୍ୱାରା ସଜା ଯାଇଥିଲା । ଲନରେ ଶହ ଶହ ଚୌକି ପଡିଥିଲା, ଯେଉଁଥିରେ ମେକଅପରେ ଲଟପଟ ହୋଇ କିଛି ଥୁଲଥୁଲ ମୋଟା ମହିଳା ଓ ପିଲାମାନେ ବସିଥିଲେ । ଅଧିକାଂଶ ଲୋକ ନିଜ-ନିଜ ଗ୍ରୁପରେ ଛିଡା ହୋଇ ଗପସପ, ହସ-ଗମାତ କରୁଥିଲେ । ଅନିଶ ଓ ଅନ୍ୟ କିଛି ପିଲାଙ୍କ ଉପରେ ମୋର ନଜର ପଡିଲା । ହେଲେ ମୋ ଆଖି କିନ୍ତୁ ମିକ୍କି, ସୋନୁ ଓ କଣ୍ଡେଇକୁ ଖୋଜୁଥିଲା, ହେଲେ କେଉଁଠି ହେଲେ ସେମାନଙ୍କର ଚିହ୍ନବର୍ଣ୍ଣ ନ ଥିଲା ।

କିଛି ସମୟ ଯାଏଁ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଛିଡା ହୋଇରହିଲି । ମୋର ନଜର ଲନ୍ ମଝିରେ ରଖା ଯାଇଥିବା ତିନୋଟି ଟେବୁଲ ଉପରେ ପଡିଲା । ଗୋଟେ ଚାରିକୋଣିଆ, ଲମ୍ବା ଟେବୁଲ ପଡିଥିଲା, ଯାହା ଉପରେ ଫାଇବର ବାସନରେ ଘୋଡିଆ ହୋଇ ଖାଦ୍ୟ ରଖା ଯାଇଥିଲା । ପାଖରେ ପଡିଥିବା ତିନିକୋଣିଆ ଟେବୁଲ ଉପରେ ବଡ ବଡ ଗିଫ୍ଟ ଗଦା ହୋଇଥିଲା । ତୃତୀୟ ଅଣ୍ଡାକୃତି ଟେବୁଲ ଉପରେ ଗୋଟେ ବଡ କେକ ରଖା ଯାଇଥିଲା । କେକ ଉପରେ କେକ ଠାରୁ ବି ଆକାରରେ ବଡ ଏକ ଲାଲ ବେଲୁନ ଟଙ୍ଗା ହୋଇଥିଲା ।

'ଗିଫ୍ଟ ଦିଅ ଆଉ ଖାଦ୍ୟ ଖାଅ', ନିଜକୁ ସାନ୍ତ୍ୱନା ଦେବା ପାଇଁ ମୁଁ ମନେ ମନେ ହସିଲି, ପର ମୂହୁର୍ତ୍ତରେ ଗଭୀର ସଙ୍କୋଚ ଓ ଲଜ୍ଜାରେ ମୋର ମନ ଭରିଗଲା । ନିଜର ଗିଫ୍ଟକୁ ମୁଁ ପକେଟ ଭିତରକୁ ଠେଲି ଦେଲି । ସେତିକିବେଳେ ମିକ୍କି ବାରଣ୍ଡାରୁ ବାହାରି ଲନ ଆଡକୁ ଆସିବାର ଦେଖାଗଲା । ନୀଳ ରଙ୍ଗର ବ୍ଲେଜର ତାର ଗୋରା ଦେହକୁ ଖୁବ ମାନୁଥିଲା । ତା ହାତରେ ଥିଲା ଗୋଟେ କଟ୍ ଗ୍ଲାସ, ଯେଉଁଥିରେ କୋକ ଭରିଥିଲା । ସିଏ ମୋତେ ଦେଖିଲା ଆଉ ମୋ ଆଡକୁ ଅଗ୍ରସର ହେଲା, 'ଆସ ।'

ମୋତେ ଟିକେ ଆଶ୍ୱସ୍ତ ଲାଗିଲା ।

ମୁଁ ମିକ୍କି ସହିତ ଲନ କଡରେ ପଡିଥିବା ଗୋଟେ ଚୌକି ଉପରେ ଯାଇ ବସିପଡିଲି । କିଛି ସମୟ ଆମେ ଚୁପ ଥିଲୁ । ହେଲେ ଏହି ନୀରବତାକୁ ମୁଁ ସହି ପାରୁ ନ ଥିଲି । ମୁଁ ପଚାରିଲି, 'ବାର୍ଥଡେ' ବୟ ସୋନୁ କେଉଁଠି ଅଛି ?'

'ଭିତରେ ଅଛି, ଏବେ ଆସିବ ।'

ମିକ୍କି ବୋଧହୁଏ ମୋ ସହିତ କିଛିଟା ଅସହଜ ଅନୁଭବ କରୁଥିଲା । ଏଠାକୁ ଆସି ମୁଁ ଆଉ କିଛି ଭୁଲ କରି ଦେଲିନାହିଁ ତ ?

'କଣ୍ଡେଇ କଣ ଆସିନି ?' ବହୁତ ସାହାସ ସଞ୍ଚୟ କରି ପଚାରିଦେଲି ମୁଁ ।

'ଆସିଛି ।'

ମିକ୍କି ବାର ବାର ବ୍ୟସ୍ତ ବିବ୍ରତ ଦୃଷ୍ଟିରେ ବାରଣ୍ଡା ଆଡକୁ ଚାହୁଁଥିଲା । ଅଳ୍ପ ସମୟ ପରେ ସିଏ କହିଲା, 'ଗୋଟେ ମିନିଟରେ ଆସୁଛି।'

ମୋର ହଁ କିମ୍ବା ନାହିଁର ପ୍ରତୀକ୍ଷା ନ କରି ସିଏ ଚୌକିରୁ ଉଠି ସହସା ଲନ୍ ପାରି କରି ବାରଣ୍ଡା ଦେଇ ଯାଇ ମୋର ଦୃଷ୍ଟି ପରିସରରୁ ଉଭାନ ହୋଇଗଲା ।

ମୁଁ ପୁଣି ଏକୁଟିଆ ହୋଇଗଲି । ବିତସ୍ପୃହ ଭାବ ପୁଣି ଥରେ ମନ ଓ ହୃଦୟ ଉପରେ କବଜା କରିବାକୁ ଲାଗିଲା । ଏସବୁ କେବଳ ବେକାର ଝମେଲା !

ଯେତେବେଳେ ଅନେକ ସମୟ ଯାଏଁ ମିକ୍କି ନ ଫେରିଲା ମୋର ବ୍ୟସ୍ତତା ବଢିବାକୁ ଲାଗିଲା । ପୁଣି ସେହି ଯକ୍ଷ ପ୍ରଶ୍ନ – 'ଏଠାକୁ ଆସି ମୁଁ କିଛି ଭୁଲ କରି ଦେଇନାହିଁ ତ ?'

ମୁଁ ଯେଉଁଠି ବସିଥିଲି, ସେଠାରୁ ଖୁବ ବେଶୀ ହେଲେ ପାଞ୍ଚ-ସାତ ପାଦ ଦୂରରେ ଡ୍ରିଙ୍କସ ପୂର୍ଣ୍ଣ ଗ୍ଲାସ ନେଇ ସୋନୁ ଓ ମିକ୍କିର ପାପା ନିଜର ଅଫିସର ବନ୍ଧୁମାନଙ୍କ ସହିତ ଛିଡା ହୋଇ ଷ୍ଟ୍ରାଇକ ବିଷୟରେ କଥାବାର୍ତ୍ତା ହେଉଥିଲେ ।

'ଏଇଟା ବେଶୀ ଦିନ ଯାଏଁ ଚାଲି ପାରିବନି', ଗ୍ଲାସରୁ ଅଳ୍ପ ଟିକେ ପାନୀୟ ଗଳାଧକରଣ କରି ଆସିଷ୍ଟାଣ୍ଡ ଜେନେରାଲ ମ୍ୟାନେଜର ଏ.କେ. ସିଂହ ଅର୍ଥାତ ସୋନୁର ପାପା କହିଲେ ।

'ହଁ .....ମ୍ୟାନେଜମେଣ୍ଟରେ ତ ଏମିତି ଅସୁବିଧା ସବୁ ଚାଲିଥାଏ', ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ରାୟ ସାହେବ ଅର୍ଥାତ ମୋର 'ହେବାକୁ ଯାଉଥିବା ଶ୍ୱଶୁର'(!) ଫୁଲପ୍ୟାଣ୍ଟର ପକେଟ ଭିତରୁ ନିଜର ବାମ ହାତ କାଢି ଚଷମା ଠିକ କଲେ ।

'ଏତେ ହୃଦୟହୀନତା !'

ମୋର ରକ୍ତ ଟକମକ ହୋଇ ଫୁଟି ଉଠିଲା । ଥକାପଣ, ଧୂଳି, ଭୟ, ଅସୁରକ୍ଷା ଆଦି ଦ୍ୱାରା ଭାରଗ୍ରସ୍ତ ବାପାଙ୍କର ଚେହେରା ମୋର ମନେ ପଡିଗଲା ।

ସେଇ ସମୟରେ ଅନ୍ୟ ଏକ କୋଣରେ ଛିଡା ହୋଇଥିବା ମୋର 'ହେବାକୁ ଯାଉଥିବା ଶାଶୁ' (!) ଉପରେ ମୋର ନଜର ପଡିଲା ।

'ହେବାକୁ ଯାଉଥିବା ଶାଶୁ ......ହୁଁ !' ଏକ ଫିକା ହସ ମୋର ଓଠ କୋଣରେ ଉକୁଟି ଉଠି ପର ମୁହୂର୍ତ୍ତରେ ମିଳେଇଗଲା ।

ସିଏ ନିଜର ଲେଡିଜ ସର୍କଲରେ ଛିଡା ହୋଇଥିଲେ । କ୍ରିମ କଲର ସିଫନ ଶାଢୀ ତାଙ୍କୁ ଖୁବ ମାନୁଥିଲା । ଆଜି ଅନ୍ୟ ମହିଳାମାନଙ୍କ ପରି ସିଏ ମଧ ଖୁବ ସଜେଇ ହୋଇଥିବା ପରି ଲାଗୁଥିଲେ । ଜଣେ ତୋଫା ଗୋରୀ ଯୁବତୀ କିଛି କହୁଥିଲେ ଓ ଅନ୍ୟ ମହିଳାମାନଙ୍କ ସହିତ ସିଏ ମଧ ତାଙ୍କ କଥାକୁ ଧାନର ସହିତ ଶୁଣୁଥିଲେ । (କ୍ରମଶଃ)

❤ ରାଜଭବନ ଡାକଘର, ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# ଭଞ୍ଜସେନା ପକ୍ଷରୁ ମାର୍ଚ୍ଚ ୧୧ରେ ବାରିପଦା ବନ୍ଦ ଡାକରା



ବାରିପଦା, ୦୫/୦୩ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅଧିକାରୀ ମାନଙ୍କ ଦ୍ୱାରା ୱାର୍ଡ ଗୁଡିକର ଭୋଟର ତାଲିକାରେ ବେଆଇନ ଭାବେ ଅନ୍ୟ ୱାର୍ଡ ଭୋଟରଙ୍କୁ ପୁରାଇ ନିର୍ବାଚନ କରିବାକୁ ଯୋଜନା କରୁଥିବା ବିଶେଷକରି ୱାର୍ଡ ନମ୍ବର ୯ ଏବଂ ୱାର୍ଡ ନମ୍ବର ୨୦ ରେ ଏପରି ବେନିୟମ କାର୍ଯ୍ୟ ହୋଇଥିବା ଦେଖି ବାରିପଦା ମ୍ୟୁନିସିପାଲିଟି ମଧ୍ୟରେ ଥିବା ୨୮ଗୋଟି ୱାର୍ଡ ରେ ନିଶ୍ଚିତ ଭାବେ ଏପରି ବେନିୟମ କାର୍ଯ୍ୟ ହୋଇଥିବ ବୋଲି ଭଂଜସେନା ଅଭିଯୋଗ କରିବା ସହିତ ଆଜି ଭଞ୍ଜସେନା ପକ୍ଷରୁ ପ୍ରଥମେ ବାରିପଦା ମ୍ୟୁନିସିପାଲିଟି ନିର୍ବାଚନ ଅଧିକାରୀଙ୍କୁ ଭେଟି ଏବାବଦରେ ଜଣାଇଥିଲେ । ମାତ୍ର ଅଧିକାରୀଙ୍କ ବକ୍ତବ୍ୟ ରେ କୌଣଷି ସ୍ୱଷ୍ଟକ୍ତି ନମିଳିବାରୁ ଭଂଜସେନାର ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ସଂଗଠନ ର ୩୦୦ଶହରୁ ଉର୍ଦ୍ଧ୍ୱ କର୍ମକର୍ତା ବାରିପଦା ମ୍ୟୁନିସିପାଲିଟି ସମ୍ମୁଖରେ ଗଣତାନ୍ତ୍ରିକ ଉପାୟରେ ସରକାରୀ ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରିବାର ଦାବୀ ସହିତ ସମଗ୍ର ବାରିପଦା ସହରର ଭୋଟର ତାଲିକାକୁ ସଂଶୋଧନ କରିବା ଦାବୀ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଯଥାଶୀଘ୍ର ଏବାବଦରେ କୌଣସି ସରକାରୀ ସ୍ତରରୁ ପଦକ୍ଷେପ ଗ୍ରହଣ କରା ନଗଲେ ଚଳିତ ମାର୍ଚ୍ଚ ମାସ ୧୧ତାରିଖ ଶୁକ୍ରବାର ଦିନ ୧୨ଘଣ୍ଟିଆ ବାରିପଦା ବନ୍ଦ କରାଯିବାର ନିଷ୍ପତ୍ତି ନିଆଯାଇଥିବାର ଜଣା ଯାଇଛି । ଆଜିର କାର୍ଯ୍ୟକ୍ରମରେ ସଂଗଠନର ସଭାପତି ପିଣ୍ଟୁ ମାଇତିଙ୍କ ସମେତ କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଓବିସି ସେଲ ସଭାପତି ରାକେଶ ବେହେରା, ବାରିପଦା ଉପଖଣ୍ଡ ସଭାପତି ତଥା ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସକେ ରାଜାଖାନ, ମନୋଜ ପାତ୍ର, ପ୍ରଦୀପ ଦେ, ରତିକାନ୍ତ ଦାସ, ଏମଡି ନଜୀର, ମୁକ୍ତି ଦତ ପରିଡା, ମନୋଜ୍ ନାୟକ, ସଞ୍ଜୟ ମାହାର୍ଣ୍ଣା, ସୌମ୍ୟରଞ୍ଜନ ଦାସବାବୁ, ସତ୍ୟଜିତ ସାହୁ, ସଞ୍ଜୟ କୁମାର ଦାସ, ସୁମିତ ମହାନ୍ତ, ସଞ୍ଜୟ ମହାନ୍ତ, ପ୍ରମୁଖ ସାମିଲ ଥିଲେ ।

## ପୋଖରୀରେ ବୁଡି ୫ ବର୍ଷର ବାଳକ ମୃତ୍ୟୁ



ବାଲିଆପାଳ, ୦୫/୦୩ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ କାଳରୁଈ ଗ୍ରାମରେ ଆଜି ଏକ ପୋଖରୀରେ ବୁଡି ଜଣେ ପାଞ୍ଚ ବର୍ଷ ବାଳକ ର ମୃତ୍ୟୁ ହୋଇଯାଇଛି । ମୃତ ବାଳକ ଜଣଙ୍କ ହେଲେ ଭୋଗରାଇ ଗ୍ରାମର ଜୟନ୍ତ ବେହେରାଙ୍କ ପୁଅ ଗଣେଶ (୫), ଗଣେଶଙ୍କ ବାପା ମା' ବାହାର ରାଜ୍ୟରେ କଂପାନୀରେ କାମ କରୁଥିବା ବେଳେ ଗଣେଶ କାଳରୁଈ ଗ୍ରାମର ତାଙ୍କ ଅଜା ଶ୍ରୀକାନ୍ତ ଗଙ୍ଗାଇଙ୍କ ଘରେ ରହି ଆସୁଥିଲା । ଆଜି ଅପରାହ୍ନରେ ଗଣେଶ ଘର ବାହାରେ ଖେଳୁଥିବା ବେଳେ ଅଜା ଆଇ ବିଲକୁ କାମ କରିବାକୁ ଯାଇଥିଲେ । ତେବେ ଘରକୁ ଫେରି ଗଣେଶଙ୍କୁ ନପାଇ ଖୋଜା ଖୋଜି କରିଥିଲେ । ଘର ପାଖରେ ଥିବା ପୋଖରୀରେ ଗଣେଶଙ୍କ ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ପାଣି ଭିତରୁ ପିଲାଟିକୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ତେବେ ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ଡାକ୍ତରଖାନା ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଆସନ୍ତା ୨୬ରେ ଜଳେଶ୍ୱର ଓକିଲ ସଂଘ ନିର୍ବାଚନ

ଜଳେଶ୍ୱର, ୦୫/୦୩ (ନି.ପ୍ର): ଆସନ୍ତା ୨୬ ତାରିଖରେ ଜଳେଶ୍ୱର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସଂଘର ନିର୍ବାଚନ ଅଧିକାରୀ ପୁର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ସହ ଅଧିକାରୀ ଭବନୀ ଶଂକର ଦେ ଓ ନିର୍ମଳେନ୍ଦୁ ଜେନା ପ୍ରକାଶ କରିଛନ୍ତି । ସେମାନଙ୍କ ସୂଚନା ଅନୁଯାୟୀ ମାର୍ଚ୍ଚ ୭ ତାରିଖରୁ ନାମାଙ୍କନ ପତ୍ର ଦାଖଲ, ୯ତାରିଖରେ ଯାଞ୍ଚ, ୧୧ତାରିଖରେ ପ୍ରତ୍ୟାହାର ଓ ୧୨ ତାରିଖରେ ଚୂଡାନ୍ତ ପ୍ରାର୍ଥୀତାଲିକା ପ୍ରକାଶ ପାଇବ । ସଭାପତି, ସଂପାଦକଙ୍କ ସହିତ ୧୫ଟି ପଦବି ଲାଗି ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୬ତାରିଖ ପୂର୍ବାହ୍ନରେ ଭୋଟ ଗ୍ରହଣ ଓ ଅପରାହ୍ନ ୩ଟାରେ ଫଳାଫଳ ପ୍ରକାଶ ପାଇବ ବୋଲି କହିଛନ୍ତି । ଫଳରେ ପୁଣି ଜଳେଶ୍ୱର ଓକିଲମାନଙ୍କ ମଧ୍ୟରେ ସରଗରମ ପ୍ରକାଶ ପାଇଛି ।

## ବନାରସରେ ପ୍ରଧାନମନ୍ତ୍ରୀ ପ୍ରବୁଦ୍ଧ ଜନଙ୍କ ସହିତ କଲେ ଆଲୋଚନା

ବାରାଣସୀ, ୦୫/୦୩ (ନି.ପ୍ର): ବିଧାନସଭା ନିର୍ବାଚନର ସପ୍ତମ ଏବଂ ଅନ୍ତିମ ପର୍ଯ୍ୟାୟରେ ପୂର୍ବାଂଚଳର ନଅ ଜିଲ୍ଲାର ୫୪ ସିଟ୍‌ରେ ଫତହ ପାଇଁ ବାରାଣାସୀରେ ପହଂଚିଛନ୍ତି ଭାଜପାର ବଡ଼ ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ପ୍ରବୃଦ୍ଧ ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ମୋଦୀ କହିଛନ୍ତି ଯେ ଆପଣମାନେ ପୁଣିଥରେ ଭାଜପା ସରକାର ଗଢ଼ିବାରେ ସାହାଯ୍ୟ କରନ୍ତୁ। ଲୋକଙ୍କୁ ପ୍ରେରିତ କରନ୍ତୁ ଯେ ଶତ ପ୍ରତିଶତ ମତଦାନ ହେଉ। ମହମୁରଗଂଜ ରମନ ନିବାସରେ ଆୟୋଜିତ ସମ୍ବାଦ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କାଶୀର କଳା, ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରର ବିଶିଷ୍ଟ ଲୋକଙ୍କୁ କହିଛନ୍ତି ଯେ ଦେଶର ଅର୍ଥବ୍ୟବସ୍ଥାର ନେତୃତ୍ୱ କରିବାର ତାକତ ଉତର ପ୍ରଦେଶରେ ଅଛି। ଆସୁଥିବା ସମୟରେ ଉତର ପ୍ରଦେଶ ଅର୍ଥବ୍ୟବସ୍ଥାର ବଡ଼ ତାକତ ହୋଇଯିବ। ସେ ଦେଶ ଏବଂ ଦୁନିଆର ବର୍ତମାନ ପରିସ୍ଥିତି, ଆହ୍ୱାନ ଉପରେ ଚର୍ଚ୍ଚା ସହିତ କାଶୀର ବିକାଶକୁ ନେଇ ମଧ ନିଜ ଦୃଷ୍ଟିଭଙ୍ଗୀ ରଖିଛନ୍ତି।

## ସରକାର ହେବା ପରେ ବାକି ମାଫିଆ ମଧ୍ୟ ଜେଲରେ ଭର୍ତ୍ତି ହେବେ : ଅମିତ ଶାହ

ଜୌନପୁର, ୦୫/୦୩ (ନି.ପ୍ର): ଭାଜପାର ବରିଷ୍ଠ ନେତା ଏବଂ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଦିନ କହିଛନ୍ତି ଯେ ଗୁଣ୍ଡା ଏବଂ ମାଫିଆ ମାନଙ୍କ ଦ୍ୱାରା ରାଜ୍ୟର ବିକାଶ ହୋଇ ପାରିବ ନାହିଁ । ତାଙ୍କ ରକ୍ତରେ ଅପରାଧ ଅଛି। ସେ ବାହାରକୁ ବାହାରି ପାରିବେ ନାହିଁ। ଶାହ ଜନସଭାରେ କହିଛନ୍ତି ଯେ ମାଫିଆଗିରି କରିବାଲୋକ ଏବଂ ମାଫିଆଙ୍କୁ ସଂରକ୍ଷଣ ଦେବାବାଲାଙ୍କୁ ଭୋଟ୍‌ରେ ଜବାବ୍ ଦିଅନ୍ତୁ। ଭାଜପାର ସରକାର ଗଠନ କରାନ୍ତୁ ତେବେ ଅଂଚଳର ବିକାଶ ହୋଇପାରେ। ଶ୍ରୀ ଶାହ ରାମମନ୍ଦିର ନିର୍ମାଣ, କାଶ୍ମୀରର ଅନୁଚ୍ଛେଦ ୩୭୦ ସପ୍ତାହ କରାଯିବା, ଅପରାଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ପରି ଭାଜପା ସରକାରଙ୍କ ସମସ୍ତ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ।

## ଟିପିଏନଓଡିଏଲର ଜାତୀୟ ସୁରକ୍ଷା ସପ୍ତାହ ଓ ଲାଇନମ୍ୟାନ ଦିବସ ଧୁମଧାମରେ ପାଳିତ



ବାରିପଦା, ୦୫/୦୩ (ନି.ପ୍ର): ଆଜି ୫୧ ତମ ଜାତୀୟ ସୁରକ୍ଷା ସପ୍ତାହ ଉପଲକ୍ଷେ ଟିପି ନର୍ଦନ ଓଡିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀତରଫରୁ ରାଇରଙ୍ଗପୁର କଲେଜ ଇନଡୋର ଷ୍ଟାଡିୟମରେ ଲାଇନମ୍ୟାନ ଦିବସ ଖୁବ ଧୁମଧାମରେ ପାଳିତ ହୋଇଯାଇଅଛି । ୧୯୬୬ ମସିହାରେ ଏହି ଜାତୀୟ ସୁରକ୍ଷା ସପ୍ତାହକୁ ଆମ ଦେଶରେ ଲାଗୁ କରାଯାଇଥିଲା । ଏହି ଜାତୀୟ ସୁରକ୍ଷା ସପ୍ତାହକୁ ଟାଟା ସର୍ବ ପ୍ରଥମେ ଲାଇନମ୍ ଯାନ ଦିବସ ରୂପେ ପାଳନ କରିଥିଲେ । ରାଇରଙ୍ଗପୁର ଡିଭିଜନ ଅଧିନରେ ଥିବା ୪ଟି ସବ ଡିଭିଜନ ଓ ୧୩ଟି ସେକ୍ସନ ର ୫୦୦ ରୁ ଉର୍ଦ୍ଧ୍ୱ ଲାଇନମ୍ୟାନ୍ ଓ ହେଲପର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପୂର୍ବରୁ କର୍ମଚାରୀ ମାନଙ୍କର ଘୋର ଅଭାବ ସହିତ କାର୍ଯ୍ ?ଯ କରିବା ପାଇଁ ସୁରକ୍ଷା ସାମଗ୍ରୀ ବିଭାଗ ତରଫରୁ କିଛିବି ଦିଆଯାଉ ନଥିଲା । କିନ୍ତୁ ବର୍ତ୍ତମାନ ସେ ସମୟ ଆଉ ନାହିଁ ଟାଟା ପାୱାର ଅପ୍ରେଲ ୨୦୨୧ ଠାରୁ ପରିଚାଳନା ଦାୟିତ୍ୱ ନେବା ପରଠାରୁ କାର୍ଯ୍ୟ କରିବା ପାଇଁ ବହୁ ସଂଖ୍ୟାରେ କର୍ମଚାରୀ ଯୋଗଇ ଦେବା ସହ ସୁରକ୍ଷା ଉପକରଣ ଭାବରେ ସେଫ୍ଟି ଜୋତା, ହେଲମେଟ, ଗ୍ଲୋଭ୍ସ, ଡିସଚାର୍ଜ ରଡ, ନିଅନ୍ ଟେଷ୍ଟର, ସେଫ୍ଟି ବେଲ୍ଟ ଇତ୍ୟାଦି ଯୋଗାଇ ଦେଇଅଛନ୍ତି । ଯାହା ଫଳରେ କର୍ମଚାରୀଙ୍କ ସୁରକ୍ଷା ଓ କର୍ମଚାରୀଙ୍କର ଘୋର ଅଭାବକୁ ଦୂର କରିବାରେ ଟାଟା ପାୱାର ସଫଳ ହୋଇଛି । ବିଦ୍ୟୁତ ବିଭାଗରେ ସମସ୍ତ ଦୁର୍ବିପାକ ଓ ମହାମାରୀ ସମୟରେ ଅକ୍ଳାନ୍ତ ପରିଶ୍ରମ କରି ନିଜର ସମସ୍ତ ସୁଖ, ଦୁଃଖ ଭୁଲି ଲୋକଙ୍କ ନିକଟରେ ଆଲୋକ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିବା ଲାଇନମ୍ୟାନ୍ ମାନଙ୍କୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା । ଏହି ଜାତୀୟ ସୁରକ୍ଷା ସପ୍ତାହ ୪ ମାର୍ଚ୍ଚ ରୁ ୧୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ । ଏଥିରେ ସିନିଅର ଜିଏମ ଶରତ ଚନ୍ଦ୍ର ମହାଲିକ, ଜିଲ୍ଲା ସୁରକ୍ଷା ଅଧିକାରୀ ଇଂ. ପ୍ରିୟବ୍ରତ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ନିର୍ବାହୀ ଯନ୍ତ୍ରୀ ଇଂ.ଚିନ୍ମୟ ବେହେରାଙ୍କ ପରିଚାଳନାରେ ସରକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଲାଇନମ୍ୟାନ୍, ହେଲପର, କିରାଣୀ ଓ ସ୍ୱସ୍ତିକ ଏଜେନ୍ସିର ଅଧିକାରୀ ବିଭୁତି ଭୁଷଣ ମହାନ୍ତ, ରାଜେନ୍ଦ୍ର କୁମାର ଦଳେଇ ଓ କ୍ଷୀରୋଦ ଚନ୍ଦ୍ର ଦେଓ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

## ମନୋରମ ବେଳାଭୂମି କଷାଫଳ, ଯେଉଁଠି ପର୍ଯ୍ୟଟକଙ୍କ ମନ ହଜିଯାଏ

ଲଙ୍ଗଳେଶ୍ୱର, ୦୫/୦୩ (ନି.ପ୍ର): ଲଙ୍ଗଳେଶ୍ୱର ଠାରୁ ପନ୍ଦର କି.ମି. ଦୂର ବାଲେଶ୍ୱର ଜିଲ୍ଲା ସଦର ବ୍ଲକ,ସିଂଳା ଥାନା ଅନ୍ତର୍ଗତ କଷାଫଳ ବେଳାଭୂମି ଓଡିଶା ର ସୁନ୍ଦର ମୋନରମ ବେଳାଭୂମି।ଖାଲି ଓଡିଶା ନୁହେଁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ,ଇତ୍ୟାଦି ପ୍ରଦେଶ ରୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଛୁଟି ଆସନ୍ତି ଏଇ ସୌନ୍ଦର୍ଯ୍ୟମୟୀ ବେଳଭୂମିର ମନୋରମ ଦୃଶ୍ୟକୁ ଉପଭୋଗ କରିବାପାଇଁ । ରତ୍ନାକର ର ଉତ୍ତାଳ ତରଙ୍ଗରେ ସ୍ନାନ କରିବାକୁ ଯେ କେହି ଆନନ୍ଦିତ ହେବ ହିଁ ହେବ।ଅଗଭୀର ବିସ୍ତୀର୍ଣ୍ଣ ବେଳାଭୂମିରେ ନାଲି କଙ୍କଡ଼ା ର ଗୋଲାପୀ ଶେଜ ଦେଖିବାକୁ ପାଗଳ ପ୍ରାୟ ହୋଇଯାଆନ୍ତି ବୁଲିବାକୁ ଆସିଥିବା ଲୋକେ। ସୁଉଚ୍ଚ ବାଲୁକା ରାଶି ସହିତ ଝାଉଁ ଜଙ୍ଗଲ ର ସବୁଜିମା ଦୃଶ୍ୟ ପର୍ଯ୍ୟଟକ ମାନଙ୍କ ମନ କିଣିନିଏ । ଦୀର୍ଘ ପାଞ୍ଚ କି:ମି: ଲମ୍ବ ଏବଂ ଦୁଇ କି:ମି: ଓସାର ର ଏଇ ବେଳାଭୂମିରେ ବାଇକ କାର ଇତ୍ୟାଦି ଡ୍ରାଇଭ କରି ଆନନ୍ଦ ଅନୁଭବ କରନ୍ତି। ସୁଉଚ୍ଚ ବାଲୁକା ସ୍ତୁପ ରୁ ତଳକୁ ଝୁଲଣା ଭଳି ଖସିବାରେ ଖୁସି ଦ୍ୱିଗୁଣିତ କରେ । ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟ ପରାଗ ର ଦୃଶ୍ୟ ଅତି ଆକର୍ଷଣୀୟ ଏବଂ ଚିତାକର୍ଷକ । ଏଇ ଚିତାକର୍ଷକ ଦୃଶ୍ୟକୁ ଆହୁରି ଦ୍ୱିଗୁଣିତ କରେ ଯେତେବେଳେ ମତ୍ସ୍ୟ ଜୀବୀ ମାନଙ୍କର ଡଙ୍ଗା, ଭୁଟଭୁଟି, ଲଞ୍ଚ, ଟ୍ରଲର ଇତ୍ୟାଦି ସମୁଦ୍ରକୁ ମାଛ ମାରିବାପାଇଁ ଯାଆନ୍ତି। କିନ୍ତୁ ଦୁଃଖ ଏବଂ ପରିତାପର ବିଷୟ ଏଭଳି ମନୋରମ ସ୍ଥାନକୁ ରାଜ୍ୟ ସରକାର ଏଯାଏଁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଦେଇ ପାରିଲେ ନାହିଁ ।ଯାହାଫଳରେ ଏଠାରେ ବିକାଶ ହୋଇପାରିନାହିଁ। ନିଜ ଅଞ୍ଚଳ ର ଜନପ୍ରତିନିଧି, ବିଭାଗୀୟ ଅଧିକାରୀ, ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାର ମୂଲ୍ୟ ବୁଝି ପାରିଲେ ନି ସିନା କିନ୍ତୁ ୧୯୮୮ ମସିହାରେ ନରଓ୍ୱେ ସରକାର ଏହାର ମୂଲ୍ୟ ବୁଝି ଏଠାକାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ଡାକବଙ୍ଗଳା, ବିଶୁଦ୍ଧପିଇବା ପାଣି ପାଇଁ ପାଣି ଟାଙ୍କି, ସ୍କୁଲ, ଅତ୍ୟାଧୁନିକ ହସ୍ପିଟାଲ, ମତ୍ସ୍ୟଜୀବୀ ମାନଙ୍କ ପାଇଁ ସୁନ୍ଦର ଜେଟି, ବରଫକଳ, ମନୋରମ ଉଦ୍ୟାନ, ଇତ୍ୟାଦି ନିର୍ମାଣ କରି ଓଡିଶା ସରକାରଙ୍କୁ ହସ୍ତାନ୍ତର କରିଥିଲେ।କିନ୍ତୁ ଆମ ଅପାରଗ ସରକାର ଏବଂ ବିଭାଗୀୟ ଅଧିକାରୀ ସେତକ ରକ୍ଷଣାବେକ୍ଷଣ କରି ନ ପାରି ଧ୍ୱଂସ କରିଦେଲେ ବୋଲି ଅଭିଯୋଗ ହୋଇଛି। ଡାକ ବଙ୍ଗଳା ଭାଙ୍ଗିଯିବା ଦ୍ୱାରା ପର୍ଯ୍ୟଟକ ମାନେ ରାତ୍ରି ରହଣି ର ସୁବିଧା ନ ପାଇ ସଙ୍ଗେ ସଙ୍ଗେ ଫେରିଯିବାକୁ ବାଧ ହୁଅନ୍ତୁ। ବେ ସରକାରୀ ହୋଟେଲ, ଗେଷ୍ଟହାଉସ, ଲଜ ଇତ୍ୟାଦି କରିବାପାଇଁ ସରକାର କିଛି ପ୍ରୋତ୍ସାହନ ନାହିଁ। ଉଦ୍ୟାନ ଏବେ ଭାଙ୍ଗି ନିଶ୍ଚିହ୍ନ ହୋଇଯାଇଛି। ଜେଟି ଓ ବରଫକଳ ଅକ୍ଷମ ହୋଇ ଭାଙ୍ଗି ରୁଜି ଗଲାଣି। ନଦୀବନ୍ଧ ଭାଙ୍ଗି ସମୁଦ୍ର ଜୁଆର ଗାଁ ଭିତରେ ପ୍ରବେଶ କଲାଣି । ଡାକ୍ତରଖାନାରେ ଏବେ ଡାକ୍ତର ନାହିଁ। ଏ ଅଞ୍ଚଳ ର ସ୍ଥାନୀୟ ନେତୃବୃନ୍ଦ ଏହାର ପୁନର୍ବିକାଶ ପାଇଁ ଉଦ୍ୟମ କରି ଏଇ ବେଳାଭୂମିକୁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଦେବାପାଇଁ ଜିଲ୍ଲାପାଳ, ବିଧାୟକ, ସାଂସଦ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିବା ସହିତ ବେଳାଭୂମି ଉନ୍ନୟନ ପରିଷଦ ନାମରେ ଏକ ପ୍ଲାଟଫର୍ମ ତିଆରିକରି ମକର,ଏବଂ ବାରୁଣୀ ସ୍ନାନ ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥାନ୍ତି। ତେବେ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଭିତ୍ତିଭୂମିର ବିକାଶ କରାଯାଇପରନ୍ତା ତେବେ ଏହା ଭାରତବର୍ଷ ର ସବୁଠାରୁ ଲୋକପ୍ରିୟ ,ପର୍ଯ୍ୟଟକ ବହୁଳ ଆକର୍ଷଣୀୟ ପଯ୍ୟଟନସ୍ଥଳୀ ହୋଇପାରନ୍ତା। ଖାଲି ଏତିକି ନୁହେଁ ଏ ଅଞ୍ଚଳ ର ବହୁ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇବା ସହିତ ଏ ଅଞ୍ଚଳର ଉନ୍ନତି ସାଧିତ ହୋଇପାରନ୍ତା।ଦେଖିବାକୁ ବାକିରହିଲା ସରକାରଙ୍କର କୃପାଦୃଷ୍ଟି ପଡୁଛି କେବେ।

## ବିଶିଷ୍ଟ ଶିକ୍ଷାବିତ ଭୈରବୀ ପ୍ରସାଦ ସାହୁଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଶିକ୍ଷାବିତ ଭୈରବୀ ପ୍ରସାଦ ସାହୁଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଶିକ୍ଷାବିତ ତଥା ଐତିହାସିକ ଭୈରବୀ ପ୍ରସାଦ ସାହୁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଭାରତର ପ୍ରାଚୀନ ଇତିହାସକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## ରାଜ୍ୟପାଳଙ୍କ ଦ୍ୱାରା 'ସତ୍‌ମାର୍ଗ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଲକ୍ଷ୍ମୀଧର ପଲାଇ, କଳିଙ୍ଗବିହାର, ଭୁବନେଶ୍ୱରଙ୍କ ଦ୍ୱାରା ରଚିତ 'ସତ୍ ମାର୍ଗ' ପୁସ୍ତକଟି ମହାମହିମ ରାଜ୍ୟପାଳ, ପ୍ରଫେସର ଗଣେଶୀ ଲାଲ ମହୋଦୟଙ୍କ ଦ୍ୱାରା ରାଜଭବନରେ ଉନ୍ମୋଚିତ ହୋଇଯାଇଛି । ପୁସ୍ତକଟିର ପ୍ରସଙ୍ଗଗୁଡିକ ବେଦ, ଶ୍ରୀମଦ୍ ଭଗଦ୍ ଗୀତା, ଶ୍ରୀମଦ୍ ଭାଗତ, ଭାରତୀୟ ଦର୍ଶନ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଧର୍ମଗ୍ରନ୍ଥ ଉପରେ ପର୍ଯ୍ୟବସିତ ଯାହା ଆଧ୍ୟାତ୍ମିକ ପ୍ରେରଣା ତଥା ଫଳପ୍ରଦ ଜୀବନଚର୍ଯ୍ୟା ଦିଗରେ ସହାୟକ ହୋଇପାରିବ। ଆଧ୍ୟାତ୍ମିକ ପ୍ରସଙ୍ଗ ଉପରେ ଆଧାରିତ, ଉକ୍ତ 'ସତ୍‌ମାର୍ଗ' ପୁସ୍ତକଟି ଜନକଲ୍ୟାଣ ଲାଗି ପରମେଶ୍ୱରଙ୍କୁ ଲେଖକଙ୍କ ପ୍ରଥମ ଭକ୍ତି ଅର୍ଘ୍ୟ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସାମୟିକ ଯୁଦ୍ଧ ବିରତି ....

ଏବେ ସୁମିରେ ଅହରହ ଗୁଳିବର୍ଷା ଚାଲିଥିବା ବେଳେ ଫଶି ରହିଛନ୍ତି ଭାରତୀୟ ଛାତ୍ରଛାତ୍ରୀ । ଉଦ୍ଧାର ପାଇଁ ସୋସିଆଲ ମିଡିଆରେ ଆକୁଳ ନିବେଦନ କରୁଛନ୍ତି । ସୁମିରେ ଖାଦ୍ୟ ଓ ଜଳ ଯୋଗାଣ ପ୍ରାୟ ବନ୍ଦ ହୋଇଗଲାଣି । ମୋବାଇଲ୍ ନେଟ୍‌ୱର୍କ ପ୍ରାୟ କାମ କରୁନି । ଛାତ୍ରଛାତ୍ରୀମାନେ ବଙ୍କର ଭିତରେ ରହୁଛନ୍ତି । ତେବେ ଗୁଳିବର୍ଷା ଭିତରେ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏଥିପାଇଁ ଯୁଦ୍ଧବିରତି ପାଇଁ ରୁଷ ଓ ୟୁକ୍ରେନ୍କୁ ଅନୁରୋଧ କରିଛି ଭାରତ । ୧୦ଦିନ ଧରି ଯୁଦ୍ଧ ଚାଲିବା ପରେ ଶନିବାର ସାମୟିକ ଯୁଦ୍ଧବିରତି ଘୋଷଣା କରିଥିଲା ରୁଷିଆ । ବିଦେଶୀ ନାଗରିକଙ୍କୁ ଉଦ୍ଧାର କରିବା ପାଇଁ ଭାରତୀୟ ସମୟ ଦିନ ସାଢେ ୧୧ଟାରୁ ମାରିୟୁପୋଲ ଓ ଭାଲନୋଭାଖା ସହରରେ ଅସ୍ତ୍ରବିରତି ଘୋଷଣା କରିଥିଲା ରୁଷିଆ । ରୁଷ ପ୍ରତିରକ୍ଷା ମନ୍ତ୍ରୀ ଏନେଇ ଘୋଷଣା କରିଛନ୍ତି । ଅସ୍ତ୍ରବିରତି ସମୟରେ ଲୋକଙ୍କୁ ଖାଲି କରିବାକୁ ସ୍ୱତନ୍ତ୍ର କରିଡର ବା ହ୍ୟୁମାନିଟାରିଆନ କରିଡର ପ୍ରସ୍ତୁତ ହୋଇଥିଲା । ଫଳରେ ବିଦେଶୀ ନାଗରିକମାନେ ଯୁଦ୍ଧକ୍ଷେତ୍ରରୁ ସୁରକ୍ଷିତ ଭାବେ ବାହାରି ଆଣିବା ସମ୍ଭବ ହୋଇପାରିଛି । ସାଢେ ୧୨ଟା ବେଳୁ ମାରିୟୁପୋଲ ଓ ଭାଲନୋଭାଖା ସହରରେ ମସ୍କୋ ସେନା କୌଣସି ଗୁଳି ଚାଳନା ବା ବିସ୍ଫୋରଣ କରିନଥିଲା । ଯୁଦ୍ଧ ଭିତରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଦମୀର ଜେଲେନସ୍କିଙ୍କ ନୂଆ ଦାବି ସାମ୍ନାକୁ ଆସିଛି ।

### ଦିନ ଦ୍ୱିପ୍ରହରରେ ଅବସରପ୍ରାପ୍ତ....

ଗାଁ ଭିତରେ, ଦିନ ଦ୍ୱିପ୍ରହରରେ ଗୁଳିମାଡର ଶବ୍ଦ ଶୁଣି ଦୌଡାଦୌଡି ହୋଇ ଆସିଥିଲେ ଗ୍ରାମବାସୀ । କିନ୍ତୁ ଗାଁ ଲୋକ ପହଞ୍ଚିବା ବେଳକୁ ରକ୍ତର ହୋଲି ଖେଳି ସାରିଥିଲେ ଦୁର୍ବୃର୍ତ । ତିନି ତିନି ଜଣଙ୍କୁ ଗୁଳି କରି ସାରିଥିଲେ । ଲୋକଙ୍କୁ ଦେଖି ଦୁର୍ବୃର୍ତମାନେ ବାଇକ୍ ଧରି ଫେରାର ହୋଇଯାଉଥିବା ସମୟରେ ସେମାନଙ୍କୁ କାବୁ କରି ନେଇଥିଲେ ଗ୍ରାମବାସୀ । ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତଙ୍କ ବାଇକକୁ ଜାଳି ଦେବା ସହ ରାସ୍ତା ଅବରୋଧ କରିଥିଲେ । ପୋଲିସ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ହେପାଜତକୁ ନେବା ସହ ଘଟଣାସ୍ଥଳରେ ପଡିଥିବା ଖୋକା ଓ ବ୍ୟାଗକୁ ଜବତ କରିଛି । ମହାକାଳପଡାର ଏକ ଗାଁ ଭିତରେ ଗୁଳିମାଡ ହେବା ଖବର ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି । ତେବେ ଦୁର୍ବୃର୍ତମାନେ କିଏ ଓ କାହିଁକି ଅରବିନ୍ଦଙ୍କ ଉପରେ ଆକ୍ରମଣ କଲେ ତାହା ସ୍ୱଷ୍ଟ ହୋଇନାହିଁ । ହେଲେ ପ୍ରଶ୍ନ ଉଠୁଛି ଗୁଳିକାଣ୍ଡ ପଛରେ କାରଣ କଣ ।

### ୩ ମହାନଗର ନିଗମ ପାଇଁ ମେୟର....

ପୂରଣ ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି ସୁଲୋଚନା। ମନ୍ଦିର ମାଳିନୀ ଭୁବନେଶ୍ୱର ରାଜ୍ୟର ସବୁ ବର୍ଗର ଲୋକଙ୍କ ପ୍ରତିନିଧିତ୍ୱ କରୁଛି। ତେଣୁ ସମସ୍ତଙ୍କ ସହଯୋଗ ନେଇ ଭୁବନେଶ୍ୱରକୁ ଏକ ନମ୍ବର ରାଜଧାନୀରେ ପରିଣତ କରିବାକୁ ଆପ୍ରାଣ ଚେଷ୍ଟା କରିବି । ସମସ୍ତ କର୍ପୋରେଟର, ବିଏମସି କମିଶନର, କର୍ମଚାରୀଙ୍କ ସହ ମିଳିତ ଭାବେ କାମ କରିବି ବୋଲି ମଧ କହିଛନ୍ତି ସୁଲୋଚନା। ୨୦୧୭ ଜୁନ ମାସରେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ସୁଲୋଚନା ୨୦୧୯ ଅଗଷ୍ଟ ମାସରେ ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧକ୍ଷା ଭାବେ ନିଯୁକ୍ତି ପାଇଥିଲେ । ସେହିପରି ବର୍ତମାନ ସାଂସଦ ତଥା ସିଏମସି ବିଜେଡି ପ୍ରାର୍ଥୀ ସୁବାସ ସିଂ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଜନ୍ମସ୍ଥାନ ହେଉଛି କଟକ, ତେବେ କଟକକୁ ନୂଆରୂପରେ ଗଢିତୋଳିବା ପାଇଁ ଅନେକ ପ୍ରୟାସ ଜାରି ରହିଛି। ଏଭଳି ଗୁରୁ ଦାୟିତ୍ୱକୁ ମୋ ଭରସାରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ ରଖିବା, ମୋ ପାଇଁ ଗର୍ବ ଓ ଗୌରବର କଥା । ଆଜି ଦିନରେ ମଧ କଟକରେ ୧୦ ହଜାର କୋଟି ଟଙ୍କାର ପ୍ରୋଜେକ୍ଟ ଚାଲିଛି, କଟକ ଆଉ ପୁରୁଣା କଟକ ହୋଇନାହିଁ, ତାର ରୂପରେଖ ବଦଳାଇବାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଜାରି ରହିଛି।

### ୟୁକ୍ରେନରେ ଫସିଥିବା....

ଘାନାରର ୧୦୧ ଓ ଚାଇନାର ୧୨୧ ଜଣ ନାଗରିକ ରହିଛନ୍ତି। ରୁଷର ବେଲଗୋରୋଡ ରିଜନରେ ୧୩୦ଟି ବସ୍ ପ୍ରସ୍ତୁତ ହୋଇ ରହିଛି। ବସ ଗୁଡ଼ିକ ନେଖୋଟୀଭକା ଓ ସୁଡଜା କ୍ରସିଂ ପଏଣ୍ଟ ଦେଇ ଖାରକିଭ ଏବଂ ସୁମୀ ଯିବେ। ବସ୍ ଯୋଗେ ସେଠାରେ ଫସିଥିବା ଭାରତୀୟ ଶିକ୍ଷାର୍ଥୀ ଓ ଅନ୍ୟ ଦେଶର ନାଗରିକଙ୍କୁ ଉଦ୍ଧାର କରଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଚେକ ପଏଣ୍ଟଗୁଡ଼ିକରେ ଉଦ୍ଧାର ହେଉଥିବା ଲୋକମାନେ ବିଶ୍ରାମ ନେବା ପାଇଁ ଟେଣ୍ଟ ଓ ଗରମ ଖାଦ୍ୟର ବ୍ୟବସ୍ଥା ହୋଇଛି। ଏଠାରେ ମୋବାଇଲ ମେଡିକାର ବ୍ୟବସ୍ଥା ମଧ କରାଯାଇଛି। ସମସ୍ତଙ୍କୁ ଚେକପଏଣ୍ଟରୁ ବେଲଗୋରୋଡ ରିଜନକୁ ନିଆଯିବ। ସେଠାରୁ ସେମାନେ ନିଜ ନିଜ ଦେଶକୁ ଯାଇପାରିବେ ବୋଲି ସେ କହିଛନ୍ତି।

### ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ....

ଶୃଙ୍ଗଲା ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ରହିଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ ସଂକଟ ଉପରେ ଅନେକୋର ଉଚ୍ଚ ସ୍ତରୀୟ ବୈଠକର ଅଧକ୍ଷତା କରିସାରିଛନ୍ତି। ସେପଟେ ୟୁକ୍ରେନର ରାଜଧାନୀ କିଭ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ଫସିରହିଥିବା ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜି ଏକ ଜରୁରୀ ସୂଚନା ଜାରି କରାଯାଇଛି । ଦୂତାବାସ ପକ୍ଷରୁ କୁହାଯାଇଛି ଯେ, କେବଳ ଖାରକିବ ଓ ସୁମିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ଥିବା ପ୍ରାୟ ୧୦ ହଜାର ଭାରତୀୟ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରାଯାଇଛି ।

### ୟୁକ୍ରେନରୁ ସ୍ୱତନ୍ତ୍ର ବିମାନ....

ଭାରତୀୟ ନାଗରିକମାନଙ୍କୁ ଉଦ୍ଧାର କରି ଅଣାଯାଇଛି । ଏହାଛଡ଼ା ଏହି ତିନୋଟି ବିମାନ ଜରିଆରେ ୧୬.୫ ଟନ୍ ରିଲିଫ ସାମଗ୍ରୀ ଭାରତରୁ ଏସବୁ ରାଷ୍ଟ୍ରମାନଙ୍କୁ ପଠାଯାଇଛି । ଗୋଟିଏକୁ ଛାଡ଼ି ସବୁ ବେସାମରିକ ବିମାନ, ଆଜି ସକାଳେ ଭାରତରେ ପହଂଚିଛନ୍ତି । ଅନ୍ୟପଟେ କୋସିଚେରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ଆଜି ସନ୍ଧ୍ୟା ପରେ ପହଂଚିବ ବୋଲି ଆଶା କରାଯାଉଛି । ଆଜି ବୁଦାପେଷ୍ଟରୁ ୫ଟି, ସୁଚେଭାରୁ ୪ଟି, କୋସିଚେରୁ ଗୋଟିଏ ଏବଂ ରେସେଜୋରୁ ୨ଟି ବିମାନ ଭାରତୀୟମାନଙ୍କୁ ନେଇ ଫେରିଛି । ଆସନ୍ତାକାଲି, ବୁଦାପେଷ୍ଟ, କୋସିଚେ, ରେସେଜୋ ଏବଂ ବୁକାରେଷ୍ଟରୁ ୧୧ଟି ସ୍ୱତନ୍ତ୍ର ବିମାନ ଜରିଆରେ ୨୨୦୦ରୁ ଅଧିକ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତନ କରିବେ ବୋଲି ଆଶା କରାଯାଉଛି ।

### ୟୁପିର ଶେଷ ପର୍ଯ୍ୟାୟ ....

ଦମ ଦେଖାଇନ୍ତି ନେତା । ରାଜନୀତି ମଇଦାନରେ ବଡ ବଡ ହେଭିଓ୍ୱେଟ ନେତାଙ୍କୁ ଦେଖିବାକୁ ମିଳିଛି । ଗୃହମନ୍ତ୍ରୀ ଅମିତ ସାହା ବିରୋଧୀଙ୍କ ଉପରେ ଗର୍ଜିଛନ୍ତି । ସମାଜବାଦି ପାର୍ଟି ନେତା ଅଖିଳେଶ ଯାଦବଙ୍କ ଶାସନ କାଳରେ କେବଳ ଗୋଟିଏ ସମୁଦାୟର ହିଁ ବିକାଶ କରିଥିବା କହିଛନ୍ତି ଗୃହମନ୍ତ୍ରୀ । ସେପଟେ ପାଲଟା ଯବାବରେ ବିଜେପିକୁ ଟାର୍ଗେଟ କରିଛନ୍ତି ।

## ପୌରପାଳିକାର ୪ର୍ଥ ଦିନ ସୁଦ୍ଧା ପ୍ରାର୍ଥପତ୍ର ଦାଖଲକଲେ ୨ଜଣ

ଜଳେଶ୍ୱର, ୦୫/୦୩ (ନି.ପ୍ର): ଦଳୀୟ ପ୍ରାର୍ଥୀ ତାଲିକା ପ୍ରକାଶନ ହୋଇପାରୁନଥିବା ଓ ବହୁ ପ୍ରାର୍ଥୀ ପ୍ରତ୍ୟେକ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନରେ ପ୍ରତିଯୋଗିତା ଲାଗି ସିଦ୍ଧାନ୍ତ ନେଇଥିବାରୁ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଚୟନରେ ବିଳମ୍ବ ଘଟୁଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସମ୍ପର୍କରେ କୁହାଯାଇଛି । ଜଳେଶ୍ୱର ପୌରପରିଷଦରେ ୨୦୧୧ ଜନଗଣନା ଅନୁଯାୟୀ ୨୫୭୪୭ ଲୋକ ସଂଖ୍ୟା ହୋଇଥିବା ବେଳେ ଏବେ ୩୧ହଜାରରେ ପହଞ୍ଚିଛି । ଆସନ୍ତା ଦିନରେ ନିର୍ବାଚନରେ ମୋଟ ୨୦୦୫୯ ଭୋଟର ୧୭ଟି ୱାର୍ଡରେ ସେମାନଙ୍କ ମତ ସାବ୍ୟସ୍ତ କରିବେ ବୋଲି ଜଣାଯାଇଛି । ଗତ ୨ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହେବାର ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଗତ ୨ ଓ ୩ ତାରିଖରେ କେହି ପ୍ରାର୍ଥିପତ୍ର ଦାଖଲ କରିନଥିଲେ । କିନ୍ତୁ ୪ ତାରିଖରେ ୧୦ନଂ ୱାର୍ଡ ଶାନ୍ତିଆରୁ ଚାନ୍ଦିନି ଜେନା ତାଙ୍କ ସମର୍ଥକ ଜରିଆରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେପିର ନେତା ଅରୁଣ ବେଜଙ୍କ ନେତୃତ୍ୱରେ ସେମାନେ ସେମାନଙ୍କ ପ୍ରାର୍ଥୀପତ୍ର ଜଳେଶ୍ୱର ପୌରନିର୍ବାଚନ ଦାୟିତ୍ୱରେ ଥିବା ବାଲେଶ୍ୱରର ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି । ଖୁବ୍ ଶୀଘ୍ର ବିଜେପି ଦଳରୁ ଲଢିବାକୁ ଯାଉଥିବାରୁ ଟିକଟ ଦାଖଲ କରିବେ ବୋଲି କହିଛନ୍ତି । ତାଙ୍କ ସହିତ ନଗର ସଭାପତି ଫାଲଗୁନି ପାଣିଗ୍ରାହୀ, ରବିନ୍ଦ୍ର ପାତ୍ର, ଜିତେନ୍ଦ୍ର ନାଗ, ନେବଯାନୀ ଅଣ୍ଡିଆ, ସୁମତି ରଣା, ରଂଜନ ପାତ୍ର, ଅମୂଲ୍ୟ ଅଣ୍ଡି ପ୍ରମୁଖ ଶୋଭାଯାତ୍ରାରେ ଯାଇ ନାମାଙ୍କ ପତ୍ର ଦାଖଲ କରିଥିଲେ । ଆଜି ଜଳେଶ୍ୱରର ୧୩ନଂ ୱାର୍ଡରୁ ସୁକାନ୍ତି ଗିରି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି କହିଛନ୍ତି ।

## ୟୁକ୍ରେନ୍‌ରେ ଜଳେଶ୍ୱରର ୨ ଡାକ୍ତର ଛାତ୍ର ଦିଲ୍ଲୀରେ ପହଞ୍ଚିଲେ

ଜଳେଶ୍ୱର, ୦୫/୦୩ (ନି.ପ୍ର): ଜଳେଶ୍ୱରର ୨ ଡାକ୍ତର ଛାତ୍ର ୪ବର୍ଷ ଧରି ୟୁକେନ୍‌ରେ ଡାକ୍ତରୀ ଶିକ୍ଷାଲାଭ କରି ଆସୁଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ ନିଜ ଘରକୁ ଫେରିବାକୁ ବାଧ୍ୟ ହେଉଛନ୍ତି । ଜଳେଶ୍ୱରର ରାଇବଣିଆ ଥାନା ଅନ୍ତର୍ଗତ ଓଲମରା ପଂଚାୟତର ଗୋପାଳପୁର ଗାଁର ପ୍ରଶାନ୍ତ କୁମାର ଜେନାଙ୍କ ପୁଅ ଶୁଭ୍ରସାଇ ଜେନା ଓ ବିନୋଦ କୁମାର ଦାସଙ୍କ ପୁଅ ସାଇଜ୍ୟୋତି ଦାସ ଦୁହେଁ ଦୁଇ ସମ୍ପର୍କୀୟ ଭାଇ ୨୦୧୮ ମସିହାରେ ୟୁକ୍ରେନ୍‌ର ଭିନେତ୍‌ସିଆସ୍ଥିତ ନେସନାଲ ପିରୋଗଭ ମେମୋରିଆଲ ମେଡିକାଲ ୟୁନ୍‌ର୍ଭସିଟିରେ ଡାକ୍ତରୀପାଠ ପଢି ଆସୁଥିଲେ । ଦୁହେଁ ୪ର୍ଥ ବର୍ଷ ଛାତ୍ର ହୋଇଥିବା ବେଳେ ଶୁଭ୍ରସାଇ ଗତ ୨୧-୭-୨୧ରେ ଏଠାକୁ ଆସିଥିଲେ । କୋଭିଡ୍ ଯୋଗୁଁ ଦୁହେଁ ଘରକୁ ଫେରିନଥିବା ବେଳେ ୟୁକେନ୍ ଓ ରୁଷିଆ ଯୋଦ୍ଧ ଯୋଗୁଁ ଦୁଇ ପରିବାରରେ ଅରାନ୍ଧ ଅବାଢ ହୋଇଥିଲା । ଭାରତ ସରକାରଙ୍କ ମିଶନ ଗଂଗା ଯୋଜନାରେ ଦୁଇ ଭାଇ ୟୁକ୍ରେନ୍‌ରୁ ଆସି ଆଜି ଦିଲ୍ଲିରେ ଓହ୍ଲାଇଛନ୍ତି। ଦୁଇ ରାଷ୍ଟ୍ରର ଯୁଦ୍ଧପରେ ଦୀର୍ଘ ୭ଦିନ ଧରି ଭାରତକୁ ଆସିବାଲାଗି ସେମାନେ ରୁମାନିଆ ସୀମାରେ ବସିରହିଥିଲେ । ଏୟାର ଲିଫ୍ଟରେ ଆସି ଦିଲ୍ଲିର ଓଡିଶା ଭବନରେ ବିଶ୍ରାମ ନେଇଛନ୍ତି । ଏହି ଦୁଇଭାଇ ଯୁଦ୍ଧପରେ ଭିନେତ୍‌ସିଆରୁ ଏକ ସ୍ୱତନ୍ତ୍ର ବସ୍‌ଯୋଗେ ଗତ ୨୭ ତାରିଖରେ ରୁମାନିଆରେ ପହଞ୍ଚିଥିଲେ । ବୋକାରେଷ୍ଟରୁ ଏୟାର ଇଣ୍ଡିଆ ବିମାନରେ ସେମାନେ ଆସିଥିବାର ନିଜ ପରିବାର ଲୋକଙ୍କୁ ଜଣାଇଛନ୍ତି । ସେମାନେ ଦିଲ୍ଲୀରେ ପହଞ୍ଚିଥିବା ଖବର ପାଇ ପରିବାରବର୍ଗ, ବଂଧୁବାନ୍ଧବ, ସାଂଗସାଥିଙ୍କ ମହଲରେ ଆନନ୍ଦର ଲହରି ଖେଳି ଯାଇଛି ।

# ଗୋଟିଏ ଦିନରେ ୧୪୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୭୬୦କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୫୦୧୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୯୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୫ ଜଣଙ୍କ ମଧ୍ୟରୁ ୮୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରୁ ସବୁଠାରୁ ଅଧିକ ୨୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫, ବାଲେଶ୍ୱର ଜିଲ୍ଲାରୁ ୧୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୪ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## କରୋନାରୁ ସୁସ୍ଥ ହେଲେ ୨୦୯ ଆକ୍ରାନ୍ତ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଶନିବାର ଆଉ ୨୦୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୫ ହଜାର ୨୨୮ରେ ପହଂଚିଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୩୯ ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ୨୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ସମ୍ବଲପୁରରୁ ୨୩, ଯାଜପୁରରୁ ୧୪, କଟକରୁ ୧୨, ଝାରସୁଗୁଡ଼ା, ମୟୂରଭଂଜରୁ ୧୧-୧୧, ବାଲେଶ୍ୱର, ବରଗଡ଼ରୁ ୯-୯, ଗଂଜାମ, ସୁନ୍ଦରଗଡ଼ରୁ ୮-୮, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁରରୁ ୬-୬, ଭଦ୍ରକରୁ ୪, ବଲାଙ୍ଗୀର, ଦେବଗଡ଼, ଜଗତସିଂହପୁର, କୋରାପୁଟ, ମାଲକାନଗିରି ଓ ନବରଂଗପୁରରୁ ୨ ଜଣ ଲେଖାଏଁ, କଳାହାଣ୍ଡି, କେନ୍ଦୁଝର, ପୁରୀରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ୭ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।

## ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ



ବାଲେଶ୍ୱର,୦୫/୦୩ (ନି.ପ୍ର): ବିଜୁ ଜନତା ଦଳ, ବାଲେଶ୍ୱର ଶାଖା ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜନ୍ମ ଉତ୍ସବ ଶନିବାର ପାଳିତ ହୋଇଯାଇଛି । ଏନେଇ ସକାଳେ ସହରର ଡିଆଇସି ଛକସ୍ଥିତ ଥିବା ବିଜୁ ପଟ୍ଟନାୟକ ଉଦ୍ୟାନରେ ଥିବା ପ୍ରବାଦ ପୁରୁଷଙ୍କ ପ୍ରତିମର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ଓଡ଼ିଶାର ବିକାଶରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ତାଙ୍କର ସ୍ୱପ୍ନ ସମ୍ପର୍କରେ ଆଲୋକପାତ କରିଥିଲେ । ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର ସହ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଆଜି ସମଗ୍ର ଦେଶ ପାଇଁ ଉଦାହରଣ ହୋଇଛନ୍ତି ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ବିଜେଡି ଟାଉନ ସଭାପତି ସନତ ଦାସଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଜିଲା ଉପ-ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ନବ ନିର୍ବାଚିତ ଜିଲା ପରିଷଦ ସଦସ୍ୟ ନାରାୟଣ ଚନ୍ଦ୍ର ପ୍ରଧାନ, ସଂଜୟ କୁମାର ସେଠୀ ଓ ସୋନାଲି ବିଶ୍ୱାଳ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ସତ୍ୟ ରଂଜନ ଦାସ, ଶତ୍ରୁଘ୍ନ ମଲ୍ଲିକ, ଯଯାତି ଦାସ, ରଘୁନାଥ ଲେଙ୍କା, ଶ୍ରଦ୍ଧାଞ୍ଜଳି ରାୟ, ରଞ୍ଜିତା ମହାପାତ୍ର, ମୀନା ମହାନ୍ତି, ଇତିକ୍ରିଷ୍ଣା ସ୍ୱାଇଁ, ମୀନତି ସେଠୀ, ଆଶ୍ରିତା ତରେଇ, କାର୍ତ୍ତିକ ସାହୁ, ଜିତେନ୍ଦ୍ର ଉପାଧ୍ୟାୟ, ମହମ୍ମଦ ହାଇଦର ଖାନ୍, ଶେଖ ଆୟୁବ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କୁ ମନେ ପକାଇବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ବିକାଶଶୀଳ ଓଡ଼ିଶା ନିର୍ମାଣରେ ବିଜୁ ପଟ୍ଟନାୟକଙ୍କ ଅବଦାନ ତାଙ୍କୁ ଚିରସ୍ମରଣୀୟ ରଖିବ ବୋଲି ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଦାସ ଓ ଦଳୀୟ କର୍ମକର୍ତାମାନେ ଫାଣ୍ଡିଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଧର୍ମ ପରିବର୍ତ୍ତନ ବିରୋଧ ଆଇନ ଆଣିବାରେ ହରିୟାନା ହେବ ଦେଶର ୧୧ତମ ରାଜ୍ୟ

ଚଂଡିଗଡ, ୦୫/୦୩ (ନି.ପ୍ର): ହରିୟାନାରେ ବେଆଇନ ଭାବରେ ଧର୍ମ ପରିବର୍ତନ କରିବା ନେଇ ବିଧାନ ସଭାରେ ବିଲ୍ ଆଗତ ହୋଇସାରିଛି । ଯଦି ଏହି ନିୟମ ପାରିତ ହୋଇଯିବ ତେବେ ଧର୍ମ ପରିବର୍ତନକୁ ରୋକିବାରେ ହରିଆନା ଦେଶର ୧୧ ତମ ରାଜ୍ୟ ଭାବରେ ପରିଗଣିତ ହେବ । ଏହା ପୂର୍ବରୁ ଅରୁଣଆଚଳ ପ୍ରଦେଶ, ଛତିଶଗଡ , ହିମଂଚଳ ପ୍ରଦେଶ, ଗୁଜୁରାଟ, ଝାଡଖଣ୍ଡ, ମଧ୍ୟ ପ୍ରଦେଶ , ଉତର ପ୍ରଦେଶ, ଉତରା ଖଣ୍ଡ ଆଦି ରାଜ୍ୟ ମାନେ ଧର୍ମ ପରିବର୍ତନ ରୋକିବା ପାଇଁ ନିୟମ ପାରିତ କରିସାରିଛନ୍ତି । ହରିୟାନାରେ ପ୍ରସ୍ତାବିତ ଏହି ନିୟମର ନାମ ହରିୟାନା ନିୟମ ବିରୋଧ ଧର୍ମ ପରିବର୍ତନ ନିବାରଣ ନିୟମ -୨୦୨୨ ରଖା ଯାଇଛି । ନିୟମ ପାରିତ ପରେ ରାଜ୍ୟରେ ବେଆଇନ ଭାବରେ ଧର୍ମ ପରିବର୍ତନ କଲେ ତାହା ଅପରାଧ ବୋଲି ବିବେଚନା ହେବ । ଏହାକୁ ଅମାନ୍ୟ କଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହେବାର ଆଇନରେ ଅଛି ।

## ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ



ଉଦଳା, ୦୫/୦୩ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚ ତରଫରୁ ଓଡ଼ିଶା ଶ୍ରମଜୀବି ମଞ୍ଚ ଓ ମହିଳା ଶ୍ରମଜୀବି ମଞ୍ଚ ଓଡ଼ିଶାର ସହଯୋଗରେ ଆଜି ମାର୍ଚ୍ଚ ୫ ତାରିଖ ଶନିବାର ଦିନ ସ୍ଥାନୀୟ ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ସାମାଜିକ ଗଣମାଧ୍ୟମର ଆବଶ୍ୟକତା ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ ଆଲୋଚନାଚକ୍ରକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଏହାପରେ 'ରୋକଠୋକ' ପତ୍ରୀକାର ସଂପାଦକ ଅରୁଣ ପ୍ରସାଦ ଦିହୁଡ଼ି କରୋନା ସମୟରେ ଅନଲାଇନ ପାଠପଢ଼ା ପାଇଁ କିପରି ସରକାର ବାଧ ହୋଇଥିଲେ ଏବଂ ସାମାଜିକ ଗଣମାଧ୍ୟମ ଆଜି କିପରି ଜରୁରୀ ହୋଇପଡ଼ିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ମଞ୍ଚର ସଦସ୍ୟ ଲକ୍ଷ୍ମୀଭାଇ ଓ ସନ୍ତୋଷ ଭାଇ ହ୍ୱାଟସଆପ, ଫେସବୁକ, ଟୁଇଟର, ଇନଷ୍ଟାଗ୍ରାମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ଏହା ମାଧ୍ୟମରେ ଆମେ କିପରି ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସବୁ ଦପ୍ତରରେ ସହଜରେ ପହଞ୍ଚିପାରିବ ଓ ଏହାମାଧ୍ୟମରେ କିପରି ସାମାଜିକ ବିପ୍ଳବ ତିଆରି କରିପାରିବୁ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜନଜାଗୃତିମଞ୍ଚର ଟିମ ଲିଡ଼ର ଗଦାଧର ଦାଶ କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀନଗର ବିମାନବନ୍ଦର ବିଜୁବାବୁଙ୍କ ନାମରେ ନାମିତ ହେଉ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ବିଜୁବାବୁଙ୍କ ନାମରେ ଶ୍ରୀନଗର ବିମାନ ବନ୍ଦରର ନାମ କରଣ କରିବା ପାଇଁ ଦାବି କରିଥିଲେ । ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ବିଜୁବାବୁଙ୍କ ବିଷୟରେ କହିବାକୁ ଯାଇ ସ୍ୱାଧୀନତା ପରେ ପରେ ପାକିସ୍ଥାନ ଜାମ୍ମୁ-କାଶ୍ମୀର ଦଖଲ କରିବା ପାଇଁ ଆକ୍ରମଣ କରିବା ସମୟରେ ବିଜୁବାବୁ କିପରି ସାହାସର ସହିତ ଶ୍ରୀନଗର ବିମାନ ବନ୍ଦରରେ ନିଜର ବିମାନ ଅବତରଣ କରାଇ ଭାରତୀୟ ସୈନିକ ମାନଙ୍କୁ ସହାୟତା କରିଥିଲେ ତାହା ବର୍ଣ୍ଣନା କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଶରତ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ଜେଠୀ, ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ।

# ବିଜେପିର ମିଶ୍ରଣ ପର୍ବ

ବାଲେଶ୍ୱର,୦୫/୦୩ (ନି.ପ୍ର): ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲେ ଦଳୀୟ ସଂଗଠନ ସୁଦୃଢ଼ ସହ ସଫଳତା ପାଇଁ ଜୋରଦାର ଉଦ୍ୟମ ଜାରି ରଖିଛି ବିଜେପି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଅନ୍ୟଦଳର ୩ଜଣ ପୂର୍ବତନ କାଉନସିଲରଙ୍କ ସମେତ ବହୁ କର୍ମୀ ବିଜେପିରେ ଯୋଗଦାନ କରିଥିଲେ । ସହରର ରାଣୀପାଟଣା ସ୍ଥିତ ଆମନ୍ତ୍ରଣ କଲ୍ୟାଣ ମଣ୍ଡପରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବାଲେଶ୍ୱର-ଭଦ୍ରକ ଜିଲା ପୌର ନିର୍ବାଚନର ଦଳୀୟ ପ୍ରଭାରୀ ଜୀବନ ପ୍ରଦୀପ ଦାଶ ଓ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ । ନବାଗତଙ୍କ ଆଗମନ ଆଗାମୀ ଦିନରେ ଦଳୀୟ ସଂଗଠନକୁ ଆହୁରି ସୃଦୃଢ କରିବା ସହ ପୌର ନିର୍ବାଚନରେ ଭାଜପାକୁ ଅଧିକ ସଫଳତା ମିଳିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ପୂର୍ବତନ କାଉନସିଲର ସତ୍ୟ ଶିବ ସୁନ୍ଦର ଦାଶ, ଜୟ ପ୍ରକାଶ ଦାଶ ଓ ଗୌରୀ ଦାସଙ୍କ ସହ ଅନ୍ୟାନ୍ୟ ଦଳର ବହୁ କାର୍ଯ୍ୟକର୍ତ୍ତାଙ୍କୁ ବିଜେପି ନେତୃବୃନ୍ଦମାନେ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଦଳର ଅନୁଶାସନ ମାନି ସଂଗଠନକୁ ଆଗକୁ ନେବାରେ ସହାୟକ ହେବେ ବୋଲି ନବାଗତ କର୍ମୀମାନେ କହିଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ବରିଷ୍ଠ ନେତା ସୁଜିତ ଦେବ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ଜିଲା ସମ୍ପାଦକ ବିଭୂପଦ ଦାସ, ସର୍ବେଶ୍ୱର ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନବାଗତ କର୍ମୀଙ୍କୁ ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ମହାନ୍ତି, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ଧୀରଜ ମହାନ୍ତି, ସୌଭାଗ୍ୟ ମାନସ ନାୟକ, ମଣ୍ଟୁ ପେରିୱାଲ, ପ୍ରବାଳ ସିହ୍ନା, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଜୁ ଜୟନ୍ତୀ ଓ ପଂଚାୟତରାଜ ଦିବସ ପାଳିତ

ଜଳେଶ୍ୱର ୫/୩ (ନି.ପ୍ର) : ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ବିକାଶ ଧାରାରେ ଯୋଡିବାର ପ୍ରଚେଷ୍ଟା, ମହିଳାଙ୍କୁ ଅଗ୍ରାଧିକାର ଏବଂ ଗ୍ରାମାଂଚଳରେ ବିକାଶ ଲାଗି ସ୍ୱପ୍ନ ଦେଖୁଥିବା ଏବଂ ଦୃଢ ମାସିକତା ଥିବା ଯୋଗୁଁ ବିଜୁ ବାବୁ ସଫଳତାର ଶିର୍ଷରେ ପହଞ୍ଚି ପାରିଥିଲେ ବୋଲି ଆଜି ୧୦୬ତମ ବିଜୁ ଜୟନ୍ତୀ ଓ ପଂଚାୟତରାଜ ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଆଜି ପୂର୍ବାହ୍ନରେ ଭଂଜଶ୍ରୀବିହାର ପରିସରରେ ୧୦୬ତମ ବିଜୁ ଜୟନ୍ତୀ ଓ ପଂଚାୟତରାଜ ଦିବସ ପାଳିତ ହୋଇ ଯାଇଛି । ଏଥିରେ ଯାମିନି କୁମାର ଦତ୍ତ ପୌରହିତ୍ୟ କରି ବିଜୁ ବାବୁଙ୍କ ନାମରେ ଏକ ରାଜନୈତିକ ଦଳ ଗଠନର ପରିକଳ୍ପନା ବିଜେଡି ଦଳକୁ ସଫଳତା ଆଣି ଦେଇଛି ବୋଲି କହିଥିଲେ । ବିଧାୟକ ଅଶ୍ୱିନୀ ପାତ୍ର ୧୯୯୦-୯୫ ବିଧାୟକ ଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କ ସଂସ୍ପର୍ଷରେ ଆସିଥିଲେ । ବିଜୁ ବାବୁଙ୍କ ସ୍ୱପ୍ନ ଓ ଦୃଢତା ନିକଟରେ ସେ କେବେ ଭାଂଗି ପଡିନଥିଲେ । ରାଜ୍ୟର ବିକାଶ ଲାଗି ଗ୍ରାମାଂଚଳକୁ ପ୍ରାଧାନ୍ୟ, ମହିଳାଙ୍କୁ ଅଗ୍ରାଧିକାର, ପାରାଦ୍ୱିପ ବଂଦର ପ୍ରତିଷ୍ଠା, ଇତ୍ୟାଦି ଲାଗି ସେ ସ୍ୱପ୍ନ ଦେଖି ଆସୁଥିବାର ଶ୍ରୀ ପାତ୍ର କହିଥିଲେ । ପରେ ତାହା ସେ ସଫଳ କରାଇଥିଲେ । ବିଶ୍ୱରେ ଓଡିଶାର ଶ୍ରୀଜଗନ୍ନାଥ ଓ ବିଜୁ ବାବୁଙ୍କ ନାଁ କହିଲେ ଓଡିଶାକୁ ଚିହ୍ନା ପଡିଯାଏ । ପଂଚାୟତରାଜ ଲାଗି ତାଙ୍କର ପ୍ରଚେଷ୍ଟା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରଜଚମୋହନ ପ୍ରଧାନ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଲେଲିନ୍ ପ୍ରଧାନ, ଚନ୍ଦନ କର, ଅଜୟ ମହାନ୍ତି, ପତିତ ପାବନ ପ୍ରଧାନ, ରାସବିହାରୀ ରଣା, କାଳିଚରଣ ଦାସ, ସୁକୁମାର ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହାପରେ ବିଜେଡି କାର୍ଯ୍ୟାଳୟରେ ମଧ୍ୟ ବିଜୁ ଜୟନ୍ତି ମହାସମାରୋହରେ ପଳିତ ହୋଇ ଯାଇଛି ।

## ସିପିଏଲ ସିଜିନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଂଟ



ବାରିପଦା, ୦୫/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସିପିଏଲ ସିଜନ-୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ମୁର୍ଗାବାଡି ରାଇଡର୍ସ ଜଗନ୍ନାଥ ୱରିୟାର୍ସକୁ ୧୮ ରନରେ ପରାସ୍ତ କରିଛି । ମୁର୍ଗାବାଡିର ସଞ୍ଜୟ କୁମାର ପରିଚ୍ଛା ୫୭ ରନ କରିଥିବା ବେଳେ ଜଗନ୍ନାଥ ୱରିୟାର୍ସର ସୁଧାକର ନାଏକ ସର୍ବାଧିକ ୯୩ ରନ କରିଥିଲେ । ଦ୍ୱିତୀୟ ମ୍ୟାଚରେ ମା ଅମ୍ବିକା ୱରିୟାର୍ସ ଥ୍ରୀଲେର୍ସକୁ ୧୪ ରନରେ ପରାସ୍ତ କରିଛି । ମା ଅମ୍ବିକାର ସନ୍ତୋଷ କୁମାର ଗିରି ୩୦ରନ ଓ ସେହି ଦଳର ଅଭିଳାଷ ଦାସ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଅଭିଳାଷ ବିଶ୍ୱାଳ, ଉତ୍ତମ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ତୃତୀୟ ମ୍ୟାଚରେ ଟେରିଫିକ ଫାଇଟର ଆରାଧ୍ୟା ଭିକ୍ଟୋରିଜକୁ ୨୭ ରନରେ ପରାସ୍ତ କରିଥିଲେ । ଟେରିଫିକର ଶୁଭେନ୍ଦୁ ଦାସ ୪୩ ରନ କରଥିଲେ । ଶେଷ ମ୍ୟାଚରେ ମା ଜଗଦ୍ଧାତ୍ରୀ ୱରିୟାର୍ସ ମୁର୍ଗାବାଡି ରାଇଡର୍ସକୁ ୮ରନରେ ପରାସ୍ତ କରିଥିଲେ । ମା ଜଗଦ୍ଧାତ୍ରୀର ସଂଜୀବ କୁମାର ମହାପାତ୍ର ସର୍ବାଧିକ ୪୮ରନ କରିଥିଲେ ଓ ଆଜିର ଖେଳକୁ ଆକାଶ ନନ୍ଦ, ପ୍ରଣବ ସେଠି, ଆକାଶ ବେହେରା ଓ ସନ୍ଦୀପ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ ।

# ଭୁବନେଶ୍ୱରରେ ସ୍ୱାମୀ ଆର୍ଯ୍ୟବେଶ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଭାରତବର୍ଷର ବିଶିଷ୍ଟ ଆର୍ଯ୍ୟ ସନ୍ନ୍ୟାସୀ ତଥା ବିଶ୍ୱ ଆର୍ଯ୍ୟ ସମାଜର ସଭାପତି ସ୍ୱାମୀ ଆର୍ଯ୍ୟବେଶ ଆଜି ସନ୍ଧ୍ୟାରେ ବିମାନ ଯୋଗେ ଭୁବନେଶ୍ୱରଠାରେ ପହଂଚିଛନ୍ତି । ଆସନ୍ତା କାଲି ଆର୍ଯ୍ୟ ସମାଜର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ଆର୍ଯ୍ୟ ସମାଜ ଓଡ଼ିଶାର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଜଣାଇଛନ୍ତି । ଡଃ ଜ୍ଞାନେନ୍ଦ୍ର, ଆର୍ଯ୍ୟସମାଜ ସହିଦ ନଗର ପକ୍ଷରୁ ପ୍ରଫେସର ବିକାଶ ପଣ୍ଡା, ପଣ୍ଡିତ ଯୋଗେନ୍ଦ୍ର ଉପାଧ୍ୟାୟ, ବିଶିଷ୍ଟ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ସମାଜସେବୀ ଦିଲ୍ଲୀପ ପାତ୍ର ପ୍ରମୁଖ ବିମାନ ବନ୍ଦର ଠାରେ ସ୍ୱାମିଜୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆସନ୍ତା କାଲି ଆର୍ଯ୍ୟସମାଜ ସହିଦ ନଗରର ବାର୍ଷିକ ଉତ୍ସବରେ ସ୍ୱାମିଜୀ ଯୋଗ ଦେବା ସଙ୍ଗେ ସଙ୍ଗେ ବୁଦ୍ଧମନ୍ଦିରଠାରେ ଅପରାହ୍ନ ୩.୩୦ ମିନିଟ୍ ସମୟରେ ଆର୍ଯ୍ୟସମାଜ ଓ ବେଦ ଉପରେ ଏକ ଘଂଟାର ବ୍ୟାଖ୍ୟାନ ଦେବେ ବୋଲି ଆର୍ଯ୍ୟସମାଜ ଓଡ଼ିଶା ସୂତ୍ରରୁ ପ୍ରକାଶ ।

## ଓମ୍ ଚଳଚ୍ଚିତ୍ର ପକ୍ଷରୁ ୨ଟି ଚଳଚ୍ଚିତ୍ରର ଶୁଭ ମହୁରତ



ବାରିପଦା, ୦୫/୦୩ (ନି.ପ୍ର): ଆଜି ଓମ ଚଳଚିତ୍ର ବ୍ୟାନର ରେ ବାରିପଦା ରଘୁନାଥପୁର ସ୍ଥିତ ହରିହର ମନ୍ଦିର ପରିସର ରେ ପ୍ରେମ ଫର ସେଲ ଏବଂ ଲଭ ଗେରେଜ ନାମରେ ଦୁଇଟି ଓଡିଆ ଚଳଚିତ୍ର ର ଶୁଭ ମହୁରତ ହୋଇଯାଇଛି । ପ୍ରେମ ଫର ସେଲ ଚଳଚିତ୍ର ଟିକୁ ଶୁଭଲକ୍ଷ୍ମୀ ପଟ୍ଟାନାଇକ ଏବଂ ଉମେଶ ପଟ୍ଟାନାଇକ ପ୍ରଯୋଜନା କରିଥିବା ବେଳେ, ନିର୍ଦ୍ଦେଶକ ରହିଛନ୍ତି ସଞ୍ଜୀବ ଦ୍ୱିବେଦୀ । ସେହିପରି ସଙ୍ଗୀତ ନିର୍ଦ୍ଦେଶକ-ଅଭିଜିତ୍ ମଜୁମଦାର, ସଂଳାପରେ ଚିନ୍ମୟ କୁମାର ଦାସ ପଟ୍ଟନାୟକ ରହିଛନ୍ତି । ଅଭିନେତା ଭାବରେ ସମ୍ବିତ, ତମନ୍ନା, ଦୁଷ୍ମାନ୍ତ, ପୁପୁଲ, ଅସିତ ପତି, ତାପସ ପାଢୀ, ଅନ୍ନଦା ଦାଶ, ସାଣ୍ଟୁ, ସୁନୀଲ ଏବଂ ଅନ୍ୟମାନେ ଅଭିନୟ କରୁଥିବାର ଜଣା ଯାଇଛି । ସେହିପରି ଲଭ ଗେରେଜର ମଧ ପ୍ରଯୋଜନା ଶୁଭଲକ୍ଷ୍ମୀ ପଟ୍ଟାନାଇକ ଏବଂ ଉମେଶ ପଟ୍ଟାନାଇକ କରିଥିବା ବେଳେ, ନିର୍ଦ୍ଦେଶକ ଅଛନ୍ତି ସଞ୍ଜୀବ ଦ୍ୱିବେଦୀ । ସଙ୍ଗୀତ ନିର୍ଦ୍ଦେଶନା କୃଷ୍ଣ ଚନ୍ଦ୍ର ଦେଇଥିବା ବେଳେ, ସଂଳାପରେ ଅଛନ୍ତି ସୋମନାଥ ସାହୁ । ଏହାର ଅଭିନେତା ତାଲିକାରେ ସମ୍ବିତ, ରିୟା ଦେ, ମନୀଷା, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ତାପସ ପାଢ଼ି, ପ୍ରୀତିରାଜ, ସରୋଜ ଏବଂ ଅନ୍ୟମାନେ ରହିଛନ୍ତି । ତେବେ ଏହି ଦୁଇଟି ଚଳଚିତ୍ର ଗତ ବର୍ଷରୁ ତିଆରି ହେବାକୁ ଥିଲାବେଳେ କରୋନା କଟକଣା ପାଇଁ ହୋଇପାରି ନଥିବା କହିଛନ୍ତି ପ୍ରଜୋଜକ ଓ ନିର୍ଦ୍ଦେଶକ ।

# ଐତିହ୍ୟ କରିଡ଼ର ନାମରେ ଶ୍ରୀମନ୍ଦିର ସଙ୍କଟରେ

## ବଡ଼ଦେଉଳକୁ ବଡ଼ ବିପଦ, ଭୁଷୁଡ଼ିବା ଆଶଙ୍କାରେ ବିକ୍ଷୋଭ

ପୁରୀ, ୦୫/୦୩ (ନି.ପ୍ର): ବିଶ୍ୱ ଐତିହ୍ୟ କିର୍ତୀରାଜିରେ ରହିଛି ଶ୍ରୀମନ୍ଦିର । ଶହ ଶହ ବର୍ଷ ଧରି ଶ୍ରୀମନ୍ଦିରର ସ୍ଥିତି ସୁଦୃଢ଼ ରହିଥିଲା । ଏବେ ୩ହଜାର ୨ଶହ କୋଟି ଟଙ୍କା ଖର୍ଚ୍ଚ ନାଁରେ ଚାଲିଥିବା ଖୋଳାଖୋଳିକୁ ବିରୋଧ କରିଛନ୍ତି ଜଗନ୍ନାଥ ସେନା ଓ ସାମାଜିକ କର୍ମୀ । ବଡ଼ ଦେଉଳକୁ ବଡ଼ ବିପଦ ଅଛି ଆଶଙ୍କା କରି ଆଜି ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେନା ପକ୍ଷରୁ କୁହାଯାଇଛି ଶ୍ରୀମନ୍ଦିରର ସୁରକ୍ଷା ପାଇଁ ୧୦୦ ମିଟର ମଧ୍ୟରେ କୌଣସି ନିର୍ମାଣ ଖୋଳାଖୋଳି କିମ୍ୱା ଉଚ୍ଚ କମ୍ପନ କରୁଥିବା ମେସିନ ବ୍ୟବହାର କରାଯାଇ ପାରିବ ନାହିଁ । ବଡ଼ ବଡ଼ କୋଠା ଭଙ୍ଗାଯିବା ଯୋଗୁଁ ଉଚ୍ଚ କମ୍ପନ ସୃଷ୍ଟି ହୋଇଛି । ଯାହାଫଳରେ ମନ୍ଦିରର ଭିତିଭୂମି ଥରିବା ଯୋଗୁଁ ମନ୍ଦିର ଚୂଡ଼ାରୁ ପଥର ଖସିବାର ଆଶଙ୍କା ରହିଛି । ବାଲି ପାହାଡ଼ ଉପରେ ଶ୍ରୀମନ୍ଦିର ଅବସ୍ଥିତ । ବାଲିବନ୍ତ ଉପରେ ଠିଆହୋଇ ତା'ର ଚାରିପଟୁ ବାଲି ଖୋଳିଲେ ବନ୍ତ ଭୁଷୁଡ଼ି ପଡ଼ିବ । ସେହିପରି ମନ୍ଦିର ଚାରିପଟୁ ଖୋଳିବା ଯୋଗୁଁ ଲଗାଲଗି ହୋଇଥିବା ବାଲି ଚାପରେ ଫାଟ ସୃଷ୍ଟି ହେବ । ଯାହା ଶ୍ରୀମନ୍ଦିର ମୂଳଦୂଆକୁ ଦୁର୍ବଳ କରିବା ସହ ମନ୍ଦିର ଦୋହଲିବା ସ୍ଥିତିକୁ ଆସିବ ବୋଲି ସାମାଜିକ କର୍ମୀ ଚିନ୍ମୟ ଦାଶ ମତବ୍ୟକ୍ତ କରିଛନ୍ତି । ୧୦୦ ମିଟର ଭିତରେ କୌଣସି ଖନନ ନିର୍ମାଣ କରାଯିବ ନାହିଁ ବୋଲି ଦକ୍ଷିଣ ଦ୍ୱାର ଓ ପଶ୍ଚିମ ଦ୍ୱାରରେ ଥିବା ଏଏସ୍ଆଇ ବୋର୍ଡ଼ରେ ବହୁକାଳରୁ ଲେଖା ରହିଛି । ଏ ସମ୍ପର୍କରେ ମଧ ଏଏସ୍ଆଇ ଡିଜି ବିଦ୍ୟାବତୀ ପରିଦର୍ଶନ କରିବା ସମୟରେ ମତ ଦେଇଥିଲେ ମଧ କୌଣସି ଲିଖିତ ଆଦେଶ ଦେଇନଥିବା ସେନା କହିଛି । କାହା ଅନୁମତିରେ ଟାଟା କମ୍ପାନି ଓ ଓବିସିସି ଏହି ଖୋଳା କାର୍ଯ୍ୟ କରିବା ସହ ବଡ଼ ବଡ଼ ଗୋଲେଇ ପିଲର ଉଠାଉଛନ୍ତି ତାକୁ ନେଇ ବୁଦ୍ଧିଜୀବୀମାନେ ବିରୋଧ କରିଛନ୍ତି । ଯଦି ଏଏସ୍ଆଇର ଆଇନ୍ ଥିଲା ୧୦୦ ମିଟର ତେବେ ୭୫ ମିଟର ପ୍ରସଙ୍ଗ କିଏ ବାହାର କଲା । ୭୫ ମିଟର ପରେ କେଉଁ ପ୍ରଭାବଶାଳୀ ବ୍ୟକ୍ତି ଓ ଅନୁଷ୍ଠାନ ରହିଛନ୍ତି ତାଙ୍କର ସୁରକ୍ଷା ପାଇଁ ଏହା କରାଯାଇଛି କି ବୋଲି ସାମାଜିକ କର୍ମୀମାନେ ପ୍ରଶ୍ନ କରିଛନ୍ତି । ଶ୍ରୀମନ୍ଦିର ସୁରକ୍ଷା କରିଡ଼ର ବିକାଶ ନାଁରେ ଶ୍ରୀମନ୍ଦିରକୁ ବିନାଶ କରି କୋଣାର୍କ ମନ୍ଦିର ଅବସ୍ଥା କରିବା ପାଇଁ ଯୋଜନା ପାଇଁ ହୋଇଛି କି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଜମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜପଥରେ ଭୂସ୍ଖଳନ, ଯାନବାହାନ ବନ୍ଦ

ଜମ୍ମୁ, ୦୫/୦୩ : ଭୂସ୍ଖଳନ ହେତୁ ଶନିବାର ଦିନ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଟ୍ରାଫିକ ପାଇଁ ବନ୍ଦ ହୋଇଥିଲା । ରାମବନ ଜିଲ୍ଲାର ପାନ୍ଥିୟାଲ ଅଂଚଳର ପର୍ବତରୁ କ୍ରମାଗତ ଭାବରେ ପଥର ଖସି ପଡୁଛି । ଏହି ପଥର ଗୁଡ଼ିକର ପତନ ହେତୁ ରାସ୍ତା ସଫା କରିବା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଛି । ରାଜପଥ ବନ୍ଦ ହେତୁ ୩୦୦ ରୁ ଅଧିକ ଜାମ୍ମୁ ଟ୍ରକ୍ ଏବଂ କିଛି ଯାତ୍ରୀବାହୀ ଗାଡ଼ି ରାମବନରେ ଅଟକି ରହିଛି । ଟ୍ରାଫିକ ବିଭାଗର ଅଧିକାରୀ କହିଛନ୍ତି ଯେ, ତାଙ୍କ ଦଳ ରାଜପଥ ଉପରେ ନଜର ରଖିଛନ୍ତି । ଥରେ ପଥର ଖସିବାର ପ୍ରକ୍ରିୟା ବନ୍ଦ ହୋଇଗଲେ ରାଜପଥରେ ଆବର୍ଜନା ସଫା କରିବାର କାମ ଆରମ୍ଭ ହେବ ।

## ଆଇପିଏସ୍ ଅଧିକାରୀ ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଫୋନ୍ ଟ୍ୟାପିଂ ମାମଲା ରୁଜୁ

ମୁମ୍ବାଇ, ୦୫/୦୩ : ମୁମ୍ବାଇର କୋଲାବା ପୁଲିସ ଷ୍ଟେସନରେ ଆଇପିଏସ୍ ଅଧିକାରୀ ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଭୁଲ ଫୋନ୍ ଟ୍ୟାପିଂ ମାଲା ରୁଜୁ ହୋଇଛି । ଶିବସେନା ମୁଖପାତ୍ର ସଂଜୟ ରାଉତ ଏବଂ ରାଷ୍ଟ୍ରବାଦୀ କଂଗ୍ରେସ ଦଳର ନେତା ଏକନାଥ ଖଡ଼ସେଙ୍କ ଦୁଇମାସ ଫୋନ ଟ୍ୟାପ୍ କରିବା ପରେ ଏହି ମାମଲା ପଂଜିକୃତ ହୋଇଛି । ଘଟଣାର ତଦନ୍ତ କରାଯାଉଛି । ସୂଚନା ଅନୁଯାୟୀ, ରାଜ୍ୟ ଗୁପ୍ତଚର ମୁଖ୍ୟ ଭାବରେ ରଶ୍ମୀ ଶୁକ୍ଲା ୨୦୧୯ରେ ସଂଜୟ ରାଉତ ଏବଂ ଏକନାଥ ଖଡ଼ସେଙ୍କ ଫୋନ ଟ୍ୟାପ୍ କରିଥିଲେ । ଫୋନ୍ ଟ୍ୟାପ୍ ବିଷୟରେ କାହାକୁ ସୂଚନା ଦିଆଯାଇଥିଲା କୋଲାପ ପୋଲିସ ଖୋଜୁଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo